
KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com
Postal Regd.No.
BGR-02/2018-20
ବର୍ଷ - ୨୧ ■ ସଂଖ୍ୟା - ୦୮
Volum.-21 ■ Issue No.- 08
Sunday ■ Balangir
ରବିବାର ■ ବଲାଙ୍ଗିର
R.N.I.No.: ODIODI/2000/03637 ● ୨୭ ଡିସେମ୍ବର ୨୦୨୦ - ୦୨ ଜାନୁଆରୀ ୨୦୨୧ ● 27 Dec.2020 - 02 Jan. 2021 ● Odia Weekly ● 8 Pages, Rs.2/- only


# ଉଦ୍ଦେଶ୍ୟ ସାଧନ ପାଇଁ ସାମର୍ଥ୍ୟ ହରାଇଛି ପଶ୍ଚିମ ଓଡିଶା ବିକାଶ ପରିଷଦ : ପରିଷଦର ପୁନର୍ଜୀବନ ଅପେକ୍ଷାରେ ଅଞ୍ଚଳବାସୀ



ବଲାଙ୍ଗିର, (ନିପ୍ର) : ରାଜ୍ୟରେ ଆଞ୍ଚଳିକ ବୈଷମ୍ୟ ଦୂର କରିବା ଉଦ୍ଦେଶ୍ୟ ନେଇ ଗଠନ କରାଯାଇଥିଲା ପଶ୍ଚିମ ଓଡିଶା ବିକାଶ ପରିଷଦ । ଏହି ମହତ ଉଦ୍ଦେଶ୍ୟ ସାଧନ ପାଇଁ ସାମର୍ଥ୍ୟ ହରାଇଛି ବିକାଶ ପରିଷଦ ବୋଲି ଖୋଦ୍ ରାଜ୍ୟର କଂଟ୍ରୋଲର ଓ ଅଡିଟର ଜେନେରାଲ ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଜଣାଯାଇଛି । ୨୦୧୫ ମସିହାରୁ ୨୦୧୮ ମସିହା ସମୟ ପର୍ଯ୍ୟନ୍ତ ବିକାଶ ପରିଷଦର କାର୍ଯ୍ୟକୁ ସମୀକ୍ଷା କରି ପ୍ରସ୍ତୁତ କରାଯାଇଥିବା ରିପୋର୍ଟର ନକଲକୁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ରାଜ୍ୟ କଂଟ୍ରୋଲର ଓ ଅଡିଟର ଜେନେରାଲଙ୍କ କାର୍ଯ୍ୟାଳୟକୁ ମାଗିଥିଲେ । ସୂଚନା କର୍ମୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ପଛୁଆ ଅଞ୍ଚଳ ଭାବେ ପରିଗଣିତ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲା ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ସବ ଡିଭିଜନର ସମୁଦାୟ ୮୯ଗୋଟି ବ୍ଲକ ଅଞ୍ଚଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶର ଉଦ୍ଦେଶ୍ୟ ନେଇ ୧୯୯୮ ମସିହାରେ ଗଠନ କରାଯାଇଥିଲା ବିକାଶ ପରିଷଦ । କିନ୍ତୁ ଗୁରୁତର ପରିଚାଳନା ଗତ ତ୍ରୁଟି, ଲକ୍ଷ୍ୟହୀନ ଯୋଜନା ଓ ଠିକାଦାର ପୋଷା ନୀତି ଯୋଗୁଁ ବିକାଶ ପରିଷଦ ମୂଳ ଲକ୍ଷ୍ୟରୁ ଦୂରେଇ ଯାଇଥିବା କଥା ସମୀକ୍ଷା ରିପୋର୍ଟରୁ ଜଣାଯାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ପରିଷଦ ଅଞ୍ଚଳ ମଧ୍ୟରେ ରହିଥିବା ଅତି ପଛୁଆ ଓ ପଛୁଆ ବ୍ଲକ ଗୁଡିକ ଅପେକ୍ଷା ବିକାଶଶୀଳ ଓ ବିକଶିତ ବ୍ଲକ ଗୁଡିକରେ ଅଧିକ ଅର୍ଥ ବିନିଯୋଗ କରାଯିବା 'ଲରେ ଅଞ୍ଚଳ ମଧ୍ୟରେ ବିକାଶର ସମାନତା ଆସିନାହିଁ । ରାଜ୍ୟ ସରକାର ପରିଷଦ ଅଞ୍ଚଳର ପଛୁଆ ଓ ଅତି ପଛୁଆ ବ୍ଲକ ଗୁଡିକୁ ଅଗ୍ରାଧିକାର ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ । ୨୦୧୫ରୁ ୨୦୧୮ ମଧ୍ୟରେ ଖର୍ଚ୍ଚ କରାଯାଇଥିବା ସମୁଦାୟ ୪୦୯ କୋଟି ୭୨ ଲକ୍ଷ ଟଙ୍କାରୁ ୧୮୩ କୋଟି ୪୧ ଲକ୍ଷ ଟଙ୍କା ବିକାଶଶୀଳ ଓ ବିକଶିତ ବ୍ଲକମାନଙ୍କୁ ଆବଣ୍ଟନ କରାଯାଇଥିବା ବେଳେ ୯୭ କୋଟି ୫୨ ଲକ୍ଷ ଟଙ୍କା ପଛୁଆ ବ୍ଲକ ପାଇଁ ଓ ୧୨୯ କୋଟି ୭୯ ଲକ୍ଷ ଟଙ୍କା ଅତି ପଛୁଆ ବ୍ଲକକୁ ଆବଣ୍ଟନ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ପଛୁଆ ଓ ଅତି ପଛୁଆ ବ୍ଲକ ସଂଖ୍ୟା ଅଧିକ ଥିଲେ ମଧ୍ୟ ଏହି ଅଞ୍ଚଳରେ କମ ଅର୍ଥ ଖର୍ଚ୍ଚ କରାଯାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା କୁ ବଖାତିର କରାଯାଇଥିବା ଉଲ୍ଲେଖ ରହିଛି । ବର୍ଷ ବର୍ଷ ଧରି ଖାଲି ପଡିଥିବା ସଦସ୍ୟ ପଦ ପୂରଣ କରାଯାଉ ନାହିଁ 'ଲରେ ବିଭିନ୍ନ ଅଞ୍ଚଳର ବିକାଶ ପାଇଁ ପ୍ରସ୍ତାବ ଅସୁନାହିଁ । ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବା ଲୋକଙ୍କୁ ପରିଷଦର ସଦସ୍ୟ ଭାବେ ମନୋନୀତ କରିବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା କରାଯାଉନାହିଁ । ସଦସ୍ୟ ମନୋନୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଅଯାଇଛି । ମୁଣ୍ଡ ପିଛା ଯଥେଷ୍ଟ ପିଇବା ପାଣି ଉପଲବ୍ଧ ହେଉଥିବା ଅଞ୍ଚଳରେ ନଳକୂପ ଖୋଳା ଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ରହିଛି । ଆଇନର ଉଲଂଘନ କରାଯାଇ ବେସରକାରୀ ସ୍କୁଲ ମାନଙ୍କୁ ପାଣି ଯୋଗାଇ ଦିଅଯାଇଥିବା କଥା ମଧ୍ୟ ଉଲ୍ଲେଖ ରହିଛି । ଠିକାଦାର ମାନଙ୍କ ଠାରୁ ଅର୍ଥ ଦଣ୍ଡ ଅସୁଲି କରାନଯାଇ ପରିଷଦର କ୍ଷତି କରାଯାଉଥିବା ସଙ୍ଗେ ବିନା ଟେଣ୍ଡରରେ ଅନେକ କାର୍ଯ୍ୟ କରାଯାଉଥିବା କଥା ରିପୋର୍ଟରେ ସ୍ଥାନ ପାଇଛି । ଜଳସେଚନକୁ ଆଦୌ ଗରୁତ୍ୱ ଦିଅଯାଇନଥିବା ଜଣାଯାଇଛି । ପରିଷଦ ପକ୍ଷରୁ ପ୍ରସ୍ତାବିତ ତିନୋଟି ମେଡିକାଲ କଲେଜ ଯଥା ବଲାଙ୍ଗିର, କଳାହାଣ୍ଡି ଓ ରାଉରକେଲା ମେଡିକାଲ କଲେଜ ବି'ଳତା ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଏହା ମଧ୍ୟରୁ ବଲଙ୍ଗିରରେ


(ସପ୍ତମ ପୃଷ୍ଠା ଦେଖନ୍ତୁ)













DADLS-67
OIPR-15001/13/0110/2021

# ବଢୁଛି ଯୁବକ ଯୁବତୀଙ୍କ ନିଖୋଜ ଅଭିଯୋଗ ସଂଖ୍ୟା : ନିଖୋଜ ପରେ ନିଛାଟିଆ ସ୍ଥାନରୁ ମୃତଦେହ ଉଦ୍ଧାର ମାମଲାକୁ ନେଇ ବଢୁଛି ପୁଲିସର ମୁଣ୍ଡବ୍ୟଥା

- ବବୁଲୁ ହତ୍ୟାକାଣ୍ଡ ପରି ଲୁଚିଯିବ ନି ତ' ଗଜାନନ ହତ୍ୟାକାଣ୍ଡ ?
- ପୁଲିସର କାର୍ଯ୍ୟ ଦକ୍ଷତାକୁ ନେଇ ଉଠୁଛି ପ୍ରଶ୍ନବାଚୀ : ପୁଲିସ ଉପରୁ ଆସ୍ଥା ହରାଉଛନ୍ତି ଜନସାଧାରଣ





ଦେଓଗାଁ, (ନିପ୍ର) : ଦେଓଗାଁ ଥାନା ଅଂଚଳରେ ଦିନକୁ ଦିନ ବଢୁଛି ଯୁବକ ଯୁବତୀଙ୍କ ନିଖୋଜ ସଂଖ୍ୟା । ନିକଟରେ ୩ ଜଣ ଯୁବତୀ ନିଖୋଜ ହୋଇଥିବାର ଅଭିଯୋଗ ହୋଇଛି ଦେଓଗାଁ ଥାନାରେ । ଦେଓଗାଁ ଥାନା ଉଡ଼ାର ପଂଚାୟତ ଶିରାବାହାଲ ଗାଁର ଦୁଇଜଣ ଯୁବତୀଙ୍କ ଖୋଜ ଖବର ମିଳୁନି ବୋଲି ଦେଓଗାଁ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ସଂପୃକ୍ତ ଯୁବତୀମାନେ ବନ୍ଧଆଡକୁ ଯାଉଛୁ ବୋଲି ଘର ଲୋକଙ୍କୁ କହିଥିଲେ ବୋଲି ଗାଁ ଲୋକମାନେ କହିଥିଲେ । ଏନେଇ ତାଙ୍କ ପରିବାର ପକ୍ଷରୁ ଦେଓଗାଁ ଥାନାରେ ନିଖୋଜ ହୋଇଥିବାର ଅଭିଯୋଗ କରାଯାଇଥିଲା ।

ବର୍ତ୍ତମାନ ପରୀ ହତ୍ୟାକାଣ୍ଡ ଘଟଣାରେ ସାରା ରାଜ୍ୟ ଉଠୁଛି ପଡୁଛି । ହେଲେ ଦୀର୍ଘ ୧୦ମାସ ହେଲା ପଶ୍ଚିମାଂଚଳର ଦେଓଗାଁ ଥାନା ଅନ୍ତର୍ଗତ ସିଲେଟକାନୀ ଗାଁର ବବଲୁକୁ ବଳି ପାଇଁ ହତ୍ୟା କରାଯାଇଥିବା ସଂର୍ପକରେ ଆଲୋଚନା ହେଉଥିଲେ ମଧ କେହି ତଦନ୍ତ ପାଇଁ ଚାପ ପକାଉନାହାନ୍ତି । ଅନ୍ୟପକ୍ଷରେ ହାତୀସରା ଗାଁର ସୁନା ବ୍ୟବସାୟୀ ଗଜାନନ ମେହେରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବାର ପ୍ରାୟ ୧୨ ଦିନ ପରେ ମଧ ତଦନ୍ତ ହେଉନି କି ରାଜନେତା ବା ପ୍ରଶାସନ ପକ୍ଷରୁ ଚାପ ପଡୁନି; ଯାହାଫଳରେ ଫାଇଲ ନାଲି ଫିତା ତଳେ ଲୁଚିଯିବା ଆଶଂକା ଦେଖାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ପ୍ରକାଶ ଯେ, ଦେଓଗାଁ ଥାନା ଅନ୍ତର୍ଗତ ହାତୀସରା ଗାଁର ନିଖୋଜ ସୁନା ବ୍ୟବସାୟୀ ଗଜାନନ ମେହେରର ଶବ ମିଳିବାର ଦୀର୍ଘ ଦିନ ଓ ସିଲେଟକାନୀ ନିଖୋଜ ବାଳକ ବବଲୁର ନରକଙ୍କାଳ ଉର୍ଦ୍ଧାରକୁ ପ୍ରାୟ ୧୦ ମାସ ହେଲାଣି । ହେଲେ ପୁଲିସର ହାତ ଖାଲି ରହିଛି । କେବଳ ତଦନ୍ତ ନାଁରେ ପୁଲିସ ଅନ୍ଧାରରେ ବାଡି ବୁଲାଉଥିବାରୁ ଏହାର ପର୍ଦ୍ଦାଫାସ ହେବ ନା ରହସ୍ୟ ହୋଇ ନାଲି ଫିତା ତଳେ ରହିଯିବ, ତାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ସର୍ଗରମ୍ ହେଉଛି । ଦୁଇଟି ହତ୍ୟାକାଣ୍ଡରେ ପ୍ରଥମେ ନିଖୋଜ ଓ ପରେ ୧୫ରୁ ୧୭ ଦିନ ପରେ ମୃତଦେହ ଉଦ୍ଧାର ହୋଇଥିବାରୁ ଗୁପ୍ତଧନ ପାଇଁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଗାଁଲୋକେ ଦାବୀ କରୁଛନ୍ତି । ହେଲେ ଏହି ଦାବୀକୁ ଅଣଦେଖା କରୁଛି ସ୍ଥାନୀୟ ପୁଲିସ ବୋଲି ମଧ୍ୟ ଆଲୋଚନା ହେଉଛି । ହାତୀସରା ଗାଁର ସୁନା ବ୍ୟବସାୟୀ ଗଜାନନ ମେହେର ନିଖୋଜ ହେବାର ୧୭ଦିନ ପରେ ମୃତ ଶରୀର ଦେଓଗାଁ ଥାନା ବନ୍ଧପଡା ଫାଣ୍ଡିର ଚିପାକାନି ଜଙ୍ଗଲରେ ପଡିଥିବା ଖବର୍ ପାଇଥିଲା ଦେଓଗାଁ ପୁଲିସ ଏବଂ ରାତିରେ ଯାଇ ଶବକୁ ଜବତ କରିଥିଲା । ଏ ଭିତରେ ଶବ ଉଦ୍ଧାର କରିବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ ମୃତ ଗଜାନନର ମେହେରର ମୃତ୍ୟୁର କାରଣ କ'ଣ, ଯଦି ଅଭିଯୋଗରେ ହତ୍ୟାକାଣ୍ଡର ଦଫା ଲାଗିଛି, ତାହା ହେଲେ ହତ୍ୟାକାରୀ କିଏ... ତାକୁ ପୁଲିସ ଖୋଜିପାରିନି କାହିଁକି ବୋଲି ପ୍ରଶ୍ନ ଉଠୁଥିବା ବେଳେ ଅପରପକ୍ଷରେ ପ୍ରାୟ ୧୦ ମାସ ତଳେ ନିଖୋଜ ହୋଇ ହତ୍ୟାର ଶିକାର ହୋଇଥିବା ସିଲେଟକାନୀ ଗାଁର ୧୨ ବର୍ଷର ଶିଶୁ ବବଲୁର ହତ୍ୟାକାରୀକୁ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ଧରି ପାରି ନ ଥିବାରୁ ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ସୁନା ବ୍ୟବସାୟୀ ଗଜାନନର ବଡ ଭାଇ ଦେଇଥିବା ଅଭିଯୋଗ ଅନୁସାରେ ସାରସବାହାଲ ଗାଁର ଜଣେ ବ୍ୟକ୍ତି ଡାକି ନେଇଥିବା ଦର୍ଶାଇ ଥିଲେ ମଧ ପୁଲିସ ସେହି ବ୍ୟକ୍ତି ପାଖକୁ ପହଂଚି ପାରୁ ନଥିବାରୁ ଏବଂ ସେହି ବ୍ୟକ୍ତି ପୁଲିସ ଠାରୁ ଦୂରେଇ ରହୁଥିବାରୁ ଘଟଣାକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି ।

ପ୍ରକାଶ ଯୋଗ୍ୟ ଯେ, ଦେଓଗାଁ ଥାନା ହାତୀସରା ଗାଁର ସୁନା ବ୍ୟବସାୟୀ ଗଜାନନ ମେହେର ଗତ ମାସ ୬ ତାରିଖ ଦିନ ନିଖୋଜ ହୋଇଥିଲେ । ଘରେ ତାଙ୍କ ମା'ଙ୍କୁ ସାରସବାହାଲ ଗାଁର ଜନୈକ ବ୍ୟକ୍ତିଙ୍କ ସହ ପାଟଣାଗଡ଼ ଯାଉଛି କହି ଆଉ ଫେରି ନଥିଲେ । ଯାହାଫଳରେ ପରିବାର ପକ୍ଷରୁ ଉକ୍ତ ବ୍ୟକ୍ତି ଅପହରଣ କରିଥିବା ନେଇ ଅଭିଯୋଗ କରିଥିଲେ । ନିଖୋଜ୍‌ର ୧୭ଦିନ ପରେ ଦେଓଗାଁ ଥାନା ଚିପାକାନି ମୁଦଘାଟ ଜଙ୍ଗଲରୁ ମୃତ ଦେହ ଉଦ୍ଧାର କରିଥିଲା ପୁଲିସ । ତାହା ଗଜାନନର ଶବ ବୋଲି ଚିହ୍ନଟ କରିଥିଲେ ପରିବାର ଲୋକେ । ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ଦେଓଗାଁ ଥାନାରେ ମାମଲା ରୁଜୁ ହୋଇଛି । ସେହିପରି ନିଖୋଜ ହେବା ଅଭିଯୋଗର ମାତ୍ର ୩ ଦିନ ପରେ ନିଖୋଜ ସୁନା ବ୍ୟବସାୟୀର ପରିବାର ପକ୍ଷରୁ ଅପହରଣ ହେବା ଓ ଅପହରଣକାରୀର ନାମ ପରିବାର ପକ୍ଷରୁ ଘୋଷଣା କରିଥିଲେ ମଧ ପୁଲିସ ଖୋଜିବାରେ ବିଫଳ ହୋଇଥିଲା ।

ସେହିପରି ସିଲେଟକାନୀ ଗାଁର ବବଲୁ ବଗର୍ତ୍ତି ଜାନୁଆରୀ ମାସ ୨୨ ତାରିଖ ଦିନ ଘରୁ ବାହାରି ଆଉ ଫେରିନଥିଲା । ଫଳରେ ପରିବାର ପକ୍ଷରୁ ନିଖୋଜ ଅଭିଯୋଗ କରିଥିଲେ । ବବଲୁ ନିଖୋଜ ହେବାର କିଛିଦିନ ପରେ ଅର୍ଥାତ୍ ଫେବୃଆରୀ ୬ ତାରିଖ ଦିନ ତାର ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହ ନିକଟରେ ଥିବା ନଦୀ ଭିତରୁ ଉଦ୍ଧାର କରାଯାଇଥିଲା । ତାକୁ ଗୁପ୍ତଧନ ପାଇଁ ବଳି ଦିଆ ଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଇଥିଲା । ହେଲେ ସେହି ଦିନରୁ ତଦନ୍ତ ନାଁରେ ମାମଲା ନାଲି ଫିତା ତଳେ ବନ୍ଧାପଡ଼ିଛି । ଅପରପକ୍ଷେ ବିଭିନ୍ନ ସମୟରେ ଗାଁର ଲୋକମାନେ ହତ୍ୟାକାରୀ ଠାବ କରିବା ପାଇଁ ଦାବୀ କରି ଆସୁଛନ୍ତି । ତୁରନ୍ତ ବବଲୁ ହତ୍ୟା ମାମଲାର ହତ୍ୟାକାରୀକୁ ଖୋଜି ବାହାର କରିବାକୁ ଦାବୀ ହେଉଛି ।

ସୂଚନାଯୋଗ୍ୟ ଯେ, ଦେଓଗାଁ ଥାନା ଅଂଚଳରେ ପୁଲିସର ପେଟ୍ରୋଲିଂ ଢିଲା ହେଉଥିବାରୁ ଗୋଟିଏ ପରେ ଗୋଟିଏ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ବିଗତ ଦିନରେ ୩ ଜଣ ଯୁବତୀ ବନ୍ଧକୁ ଯାଇ ନିଖୋଜ ହୋଇଥିବା ଖବରରେ ଗାଁ ଗୁଡିକରେ କକୁଆ ଭୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଦେଓଗାଁ ପୁଲିସ ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ନିଜର କାର୍ଯ୍ୟ ପ୍ରଣାଳୀରେ ତତ୍ପରତା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

## ତ୍ରୟୋଦଶ ମହୁରି ମହୋତ୍ସବ ଆୟୋଜିତ : କବି ଲକ୍ଷ୍ମୀ ନାରାୟଣ ହୋତା ପାଇଲେ ମହୁରି ସମ୍ମାନ



ଭବାନୀପାଟଣା, (ନିପ୍ର) : କଳାହାଣ୍ଡି କବିତା ଆନ୍ଦୋଳନର ଏକ ଶାଶ୍ୱତ ସ୍ପନ୍ଦନ 'ମହୁରି' ପତ୍ରିକାର ତ୍ରୟୋଦଶ ସ୍ୱନକ୍ଷତ୍ର ସମାରୋହ 'ମହୁରି ମହୋତ୍ସବ-୨୦୨୦' ଭବାନୀପାଟଣା ସ୍ଥିତ ହୋଟେଲ ଭାଗିରଥି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । 'ମହୁରି'ର ମୁଖ୍ୟ ସଂପାଦକ ଭବାନୀ ଶଙ୍କର ନିଆଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଓ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଗୃହ, ଶିଳ୍ପ, ଶକ୍ତି ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ଲିମିଟେଡର ମାନବ ସମ୍ବଳ ବିଭାଗ ମୁଖ୍ୟ ନୋବଲ୍ ଶର୍ମା, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଖ୍ୟାତନାମା କବି ରାମକୃଷ୍ଣ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ କଳାହାଣ୍ଡି ଥିଏଟର୍ ପକ୍ଷରୁ ମହୁରି ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ମହୁରି ପୁରସ୍କାର-୨୦୨୦ ଗ୍ରହଣ କରିଥିଲେ ବିଶିଷ୍ଟ କବି ଲକ୍ଷ୍ମୀ ନାରାୟଣ ହୋତା । 'ମହୁରି' ସଂପାଦକ ସୁକାନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ-ସଂପାଦକ ସୁଧୀର କୁମାର ଧଙ୍ଗଡାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନା କରିଥିଲେ ବିଶିଷ୍ଟ ଲେଖିକା ଡ. ସୁନୀତି ମୁଣ୍ଡ । ଏହି ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ କାବ୍ୟୋତ୍ସବରେ ବରେଣ୍ୟ ଅତିଥି ଭାବେ ପ୍ରଖ୍ୟାତ କବି ଡ. ମନୋଜ କୁମାର ପଣ୍ଡା, ପ୍ରସିଦ୍ଧ ଅନୁବାଦକ ବିଜୟ ପ୍ରଧାନ, ଖ୍ୟାତନାମା କବି ରବି ଶତପଥୀ, ବିଶିଷ୍ଟ କବି ଆନନ୍ଦ ଚନ୍ଦ୍ର ସାହୁ, ବିଶିଷ୍ଟ ଲେଖିକା ଡ. ସୁନୀତି ମୁଣ୍ଡ ପ୍ରମୁଖ ମଂଚାସୀନ ଥିଲେ । 'ମହୁରି' ସହ-ସଂପାଦକ ବିରଂଚି ନାରାୟଣ ମୁଣ୍ଡ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟତମ ସହ-ସଂପାଦକ ସୁଶୀଲ କୁମାର ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ 'ମହୁରି' ସଂପାଦନା ସହଯୋଗୀ ସଚିନ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନା ଓ କବିତା ସଂଯୋଜନା କରିଥିଲେ ଯୁବକବି ଡିଲେଶ୍ୱର ରଣା ଓ ଲିପ୍ସାମୟୀ ଦୁବେ । ଓଡ଼ିଆବାର୍ତ୍ତା.ଇନ୍ ଓ ସୂର୍ଯ୍ୟକାନ୍ତି ଟିଭି ପକ୍ଷରୁ ମହୋତ୍ସବର ସିଧାପ୍ରସାରଣ କରାଯାଇଥିଲା । କଳାକାର ଲିଲେଶ ସାହୁ, ସୁକନ୍ୟା ଦାସ, ସାବିତ୍ରୀ ମହାରଣା, ସୁବାସ ପଟ୍ଟନାୟକ, ଶିବୁ ପଟ୍ଟନାୟକ, କବି ଦକ୍ଷ ସାହୁ, ଡିଙ୍ଗର ନାଏକ, ସୁନିତା ଧଙ୍ଗଡ଼ାମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ୩ ଦିନରେ ବ୍ଲକର ୩ ପଞ୍ଚାୟତ ଅର୍ନ୍ତଗତ ୧୬ଟି ଗାଁର ୩୧୭ ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଦେଓଗାଁ, (ନିପ୍ର): ଗତ ୨୨ ରୁ ୨୪ ମଧ୍ୟରେ ୩ ଦିନ ଧରି ଦେଓଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ଯଥାକ୍ରମେ ଉଡାର, ମକୁନ୍ଦପୁର ଓ ଗାଇବାହାଲ ପଞ୍ଚାୟତର ୩୧୭ ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ୨୨ ତାରିଖ ଦିନ ଉଡ଼ାର ପଞ୍ଚାୟତର ବ୍ରାହ୍ମଣିପାଲି ଗାଁରେ ବ୍ରାହ୍ମଣିପାଲି ସହ ଲୁହୁରେନପାଲି, ପଦ୍ମପୁର, ଜଲିଆ, ବାଞ୍ଜିପାଲି ଗାଁର ୧୦୭ ଜଣଙ୍କୁ ଓ ୨୩ ତାରିଖ ଦିନ ମକୁନ୍ଦପୁର ପଞ୍ଚାୟତର ହିର୍ଲିମାଲରେ ହିର୍ଲିମାଲ ସହ ଜାମଝରନ, ତେଲପାଲି, ପୁରୁଣାପାଣି ଓ ମକୁନ୍ଦପୁର ଗାଁର ୧୦୬ ଜଣଙ୍କୁ କମ୍ବଳ ବଣ୍ଟନ କରିଥିବା ବେଳେ ୨୪ ତାରିଖ ଦିନ ଗାଇବାହାଲ ପଞ୍ଚାୟତର ରତନପୁର ଗାଁରେ ରତନପୁର, ଜୁର୍ଲାକାନି, ଗଡ଼ଦ୍ୱାର, ଘୁଚିପାଲି, ରାଏପାଲି ଓ ସାଗରପାଲି ଗାଁର ୧୦୪ ଜଣଙ୍କୁ ମୋଟ ୩୧୭ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରିଥିବା ଜଣାପଡ଼ିଛି । ଏହି ୩ ଦିନ କାର୍ଯ୍ୟକ୍ରମରେ ବ୍ଲକ ପୂର୍ବ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ପ୍ରମୋଦ ବହଦାର, ଶୈଳେନ୍ଦ୍ର ସାହୁ, ସଞ୍ଜିବ ପଧାନ, ହୃଦାନନ୍ଦ ଗଡ଼ତ୍ୟା, ଛବିଲ ମାଝୀ, ଡମ୍ବରୁ ଭୋଇ, ବିହାରୀ ନାଗ, ସନ୍ତୋଷ ପଧାନ, ନନ୍ଦିକିଶୋର ଭୋଇ, ଦିଲିପ ମାଝୀ, ସୁଦାମ ପଧାନ, ଗଜିନ୍ଦ୍ର ପଧାନ, ଧ୍ରୁବାଜନ ବନଛୋର, ଶ୍ରୀବତ୍ସୀ ନାଗ, ମନବୋଧ ନାଗ, ଶାନ୍ତନୁ ନାଏକ, ଆନନ୍ଦ ସ୍ୱାଇଁ, ଭକ୍ତ ସୁନା ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଂଚଳରେ ବେଶ୍ ପ୍ରଶଂସା କରାଯାଇଛି ।

## ଘରେ ପଶି ବୁଲେଟ ଓ ଟିଭି ସହ ଲୁଟି ନେଲେ ୪୦ ଭରି ସୁନା ଗହଣା



ଧର୍ମଗଡ଼, (ନିପ୍ର) : ଘରେ ପଶି ଲୁଟିନେଲେ ଗାଡି ଟିଭି ସହ ୪୦ ଭରି ସୁନା ଗହଣା । ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା କୋକସରା ଥାନା ମୋଟେ ଗାଁରେ ଘଟିଛି ଏହି ଘଟଣା । ଜଗଦୀଶ ପାଟଯୋଷୀଙ୍କ ପରିବାର ରାତିରେ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ହଠାତ୍ ଜଗଦୀଶଙ୍କ ଘରେ ପଶିଥିଲେ । ଦୁର୍ବୃତମାନେ ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିଥିଲେ ଓ ଆଲମିରାରେ ଥିବା ୪୦ ଭରି ସୁନା ଗହଣା, ଘରେ ଥିବା ଏକ ଟିଭି ଓ ବାରଣ୍ଡାରେ ଥିବା ଏକ ବୁଲେଟ୍ ମୋଟର୍ ସାଇକେଲ୍ ନେଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ସେମାନେ ଯିବା ପରେ ଜଗଦୀଶ ପାଟି କରି ଗାଁ ଲୋକଙ୍କୁ ଡାକିଥିଲେ । ହେଲେ ଗାଁ ଲୋକ ପଂହଚିବା ପୂର୍ବରୁ ଦୁର୍ବୃତ ମାନେ ଫେରାର୍ ହୋଇଯାଇଥିଲେ । ଏ ନେଇ ଜଗଦୀଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଲୁଟେରାମାନଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି ।

# ୮୧ ବର୍ଷରେ ପାଦ ଦେଲେ ନରସିଂହ : ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ



ବଲାଙ୍ଗିର, (ନିପ୍ର) : ରାଜ୍ୟର ବର୍ଷୀୟାନ ରାଜନୈତିଜ୍ଞ, ପ୍ରଖ୍ୟାତ ଆଇନଜୀବୀ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ, ଓଡିଶାର ଏକମାତ୍ର ବ୍ୟକ୍ତି ଭାବେ ଜାତୀୟ ଆଇନ କମିଶନ୍‌ର ସଦସ୍ୟ, ପୂର୍ବତନ ବିରୋଧୀ ଦଳ ନେତା ତଥା ବର୍ତ୍ତମାନର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ୮୧ ବର୍ଷରେ ପାଦ ଦେଇଛନ୍ତି । ବଲାଙ୍ଗିର ଜିଲ୍ଲା, ଜିଲ୍ଲା ବାହାରୁ ତଥା ଅନ୍ୟାନ୍ୟ ରାଜ୍ୟରେ ଥିବା ତାଙ୍କର ଅନେକ ଶୁଭେଚ୍ଛୁ ତାଙ୍କୁ ୮୧ତମ ଜନ୍ମ ଦିବସରେ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି ।

ଏହି ଅବସରରେ ଶ୍ରୀ ମିଶ୍ରଙ୍କର ବଲାଙ୍ଗିର ସ୍ଥିତ ବାସଭବନରେ ବଲାଙ୍ଗିରର ଅନେକ ସମାଜିକ, ସାଂସ୍କୃତିକ, ରାଜନୈତିକ, ବ୍ୟବସାୟିକ ସଂଗଠନ, ବ୍ୟକ୍ତି ବିଶେଷ ତଥା ଛୋଟ ଛୋଟ ଛାତ୍ରଛାତ୍ରୀମାନେ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀ ମିଶ୍ର ଏପରି ଜଣେ ରାଜନୈତିଜ୍ଞ, ଯିଏ କି ଦୀର୍ଘ ୬୩ ବର୍ଷର ରାଜନୈତିକ ଜୀବନ ବିତାଇ ସାରିଛନ୍ତି । ବଲାଙ୍ଗିରର ସହର ନିକଟସ୍ଥ ଛତାମଖନା ଗ୍ରାମରେ ସ୍ୱର୍ଗତ ପିତା ଯୁଧିଷ୍ଠିର ମିଶ୍ର ଓ ମାତା ଲୀଳାବତୀ ମିଶ୍ରଙ୍କ ଔରସରୁ ୧୯୪୦ ମସିହା ଡିସେମ୍ବର ୨୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ସ୍ୱର୍ଗତ ପିତା ଯୁଧିଷ୍ଠିର ମିଶ୍ର ଜଣେ ସେ ସମୟର ପ୍ରଖ୍ୟାତ ଆଇନଜ୍ଞ ଏବଂ ସମ୍ବିଧାନ ପ୍ରଣେତା ସଭାର ସଦସ୍ୟ ଥିଲେ । ଶ୍ରୀ ମିଶ୍ରଙ୍କ ଜୀବନ ଶୈଳୀକୁ ଦେଖିଲେ ଜଣାଯାଏ ଯେ, ସେ ଛୋଟ ଦିନରୁ ରାଜନୀତି ସହିତ ସଂଶ୍ଲିଷ୍ଟ । କାରଣ ସେ ଯେଉଁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ସେହି ପରିବାରରେ ତାଙ୍କ ପୂର୍ବଜମାନଙ୍କ ରାଜନୀତି ମାଧ୍ୟମରେ ଲୋକଙ୍କ ସେବା କରିବା ହିଁ ଥିଲା ଲକ୍ଷ୍ୟ । ତେଣୁ ସେ ଛାତ୍ର ଜୀବନରୁ ବାମପନ୍ଥୀ ଛାତ୍ର ରାଜନୀତି ସହ ସଂଶ୍ଳିଷ୍ଟ ହେବା ସହ ୧୮ ବର୍ଷ ବୟସରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହୋଇ ସାରିଥିଲେ । ସେ ସମୟରେ ସେ ଅନେକ ଦଳୀୟ ପଦ ପଦବୀରେ ରହିବା ସହ ଅନେକ ଆନ୍ଦୋଳନର ମଧ୍ୟ ନେତୃତ୍ୱ ନେଇଥିଲେ । ପୃଥ୍ୱୀରାଜ ହାଇସ୍କୁଲରେ ସ୍କୁଲ ଶିକ୍ଷା ସମାପ୍ତ ପରେ ଇଂଟର୍ ମିଡିଏଟ୍ ଶିକ୍ଷା ବିକ୍ରମଦେବ କଲେଜ ଜୟପୁର ଏବଂ ସ୍ନାତକ ଶିକ୍ଷା ବ୍ରହ୍ମପୁର ଖଲିକୋଟ ମହାବିଦ୍ୟାଳୟରେ ଗ୍ରହଣ କରିଥିଲେ । ଶ୍ରୀ ମିଶ୍ର ନିଜର ଆଇନ ଡିଗ୍ରୀ କଟକର ମଧୁସୂଦନ ଲ' କଲେଜରେ ସମାପ୍ତ କରିବା ପରେ ବହୁତ କମ ବୟସରେ ନିଜକୁ ଜଣେ ଦକ୍ଷ ଓକିଲ ଭାବରେ ପ୍ରତିପାଦନ କରିପାରିଥିଲେ । ଧାନକିଣାକୁ ନେଇ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶ ହେଉଛି ତାଙ୍କର ଓକିଲାତି ଜୀବନରେ ଏକ ବିଶେଷ ମାଇଲଖୁଂଟ । ରାଜ୍ୟରେ ବିଜୁ ପଟ୍ଟନାୟକ ସରକାରରେ ଆଇନମନ୍ତ୍ରୀ ଭାବରେ ସେ ଆଇନ ବିଭାଗକୁ ବେଶ ସଶକ୍ତ କରିଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦର ପ୍ରଥମ ଅଧ୍ୟକ୍ଷ ଭାବରେ ବଲାଙ୍ଗିରରେ ଏକ ମେଡିକାଲ କଲେଜର ଭିତ୍ତିଭୂମି ଦେବା ତାଙ୍କ ରାଜନୈତିକ ଜୀବନର ଉଲ୍ଲେଖନୀୟ ଘଟଣା । ସଦାସର୍ବଦା ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ମିଶ୍ର ତାଙ୍କର ସାମାଜିକ ରାଜନୈତିକ କାର୍ଯ୍ୟକ୍ରମ ମାନଙ୍କରେ ସବୁବେଳେ ସମାଜର ତଳ ସ୍ତରରେ ଥିବା ଆର୍ଥିକ ଅନଗ୍ରସର ଦଳିତମାନଙ୍କ ପାଇଁ କିଛି କରିବାରେ ରୁଚି ରଖନ୍ତି ।

ରାଜନୀତି ଜୀବନରେ ନେତୃତ୍ୱ ଓ ସାଧାରଣ ଜନତା ମଧ୍ୟରେ କୌଣସି ପ୍ରକାର ପ୍ରତିବନ୍ଧକ ନ ରଖି ଲୋକଙ୍କ ପାଇଁ କାମ କରିବାରେ ସେ ବିଶ୍ୱାସ କରନ୍ତି । ବିଧାୟକ ଭାବରେ ସେ ଅନେକ ସାମ୍ବିଧାନିକ ପଦ ପଦବୀରେ ରହି ଜିଲ୍ଲା ତଥା ଜିଲ୍ଲା ବାହାରର ଲୋକଙ୍କ ପାଇଁ ମଧ୍ୟ କାମ କରିବାରେ ସେ ଧୁରନ୍ଧର । ବଲାଙ୍ଗିରରୁ ଦ୍ୱିତୀୟ ବାର ବିଧାୟକ ଭାବରେ ନିର୍ବାଚିତ ହେବା ପରେ ବଲାଙ୍ଗିରକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ତାଙ୍କ ଲକ୍ଷ୍ୟ ବୋଲି ସେ ବିଭିନ୍ନ ସମୟରେ ନିଜ ବକ୍ତବ୍ୟରେ କହନ୍ତି । ଆଜି ତାଙ୍କ ୮୧ତମ ଜନ୍ମ ଦିବସରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅଜସ୍ର ଶୁଭେଚ୍ଛା ତାଙ୍କର ଲୋକପ୍ରିୟତାର ସୂଚନା ଦିଏ ।

# ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ଦାବୀରେ ନେତାଜୀ ସଂଗ୍ରାମ ପରିଷଦର ଧାରଣା

ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବୀରେ ନେତାଜୀ ସଂଗ୍ରାମ ପରିଷଦ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଆନ୍ଦୋଳନକାରୀମାନଙ୍କ ତରଫରୁ କୁହାଯାଇଛି ଯେ, ରାଜ୍ୟ ସରକାର କେବିକେ ଅଂଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ । ରାଜ୍ୟ ସରକାରଙ୍କ ଏହି ଘୋଷଣା ପରେ ସମଗ୍ର କେବିକେ ଅଂଚଳରେ ଏକ ନୂତନ ଉତ୍ସାହ ଦେଖାଦେଇଥିଲା । ତେବେ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଥିବାରୁ ବଲାଙ୍ଗିରରେ ଏହାକୁ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ମହଲରେ ସ୍ୱର ଉଠିଥିଲା ।

ବିଭିନ୍ନ ସମୟରେ ବହୁ ଅନୁଷ୍ଠାନ ଏହାକୁ ନେଇ ଆନ୍ଦୋଳନ ମଧ୍ୟ କରିଥିଲେ । ତେବେ ରାଜ୍ୟ ସରକାର ତାଙ୍କର ଘୋଷଣାକୁ ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇଛନ୍ତି । ଏହା ସହିତ ବଲାଙ୍ଗିର ହେଉଛି ଏକ ଦାଦନ ପ୍ରବଣ ଓ ଚିର ମରୁଡି ପ୍ରବଣ ଅଂଚଳ । ବଲାଙ୍ଗିର ଏକ ଶିଳ୍ପବିହୀନ ଜିଲ୍ଲା ହୋଇଥିବା ବେଳେ ନିଶ୍ଚିତ ଜଳସେଚନର ହାର ମାତ୍ର ୩ ପ୍ରତିଶତ । ଜିଲ୍ଲାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ କାମଧନ୍ଦା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି । ବଲାଙ୍ଗିର ଜିଲ୍ଲାରେ ଉନ୍ନତମାନର କପା ଓ କେନ୍ଦୁପତ୍ର ଉତ୍ପାଦିତ ହୋଇଥାଏ । ଧାନ ସହିତ ଅନ୍ୟାନ୍ୟ ଜଙ୍ଗଲ ଜାତ ଦ୍ରବ୍ୟର ମଧ୍ୟ ଉତ୍ପାଦିତ ହୋଇଥାଏ । ବାସ୍ତବରେ ଦେଖିବାକୁ ଗଲେ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବାର ସମସ୍ତ



ପ୍ରକାର ଭିତ୍ତିଭୂମି ଥିଲେ ମଧ୍ୟ ରାଜନୈତିକ ଉଦାସୀନତା ଯୋଗୁଁ ଜିଲ୍ଲାର ଅର୍ଥନୀତି ରସାତଳଗାମୀ ହେବାରେ ଲାଗିଛି । ଏହି ସବୁ ଦୃଷ୍ଟିରୁ ଦେଖିଲେ ତଥା ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାକୁ ହେଲେ କୃଷି ବିଶ୍ୱବିଦ୍ୟାଳୟ ବଲାଙ୍ଗିରରେ ପ୍ରତିଷ୍ଠା ହେବା ଉଚିତ । କାରଣ ବଲାଙ୍ଗିର ସହର ନିକଟସ୍ଥ ଲର୍କିପାଲି ଠାରେ ବହୁ ପୁରାତନ ଗ୍ରାମସେବକ ତାଲିମ କେନ୍ଦ୍ର ରହିଛି । ବର୍ତ୍ତମାନ ଏହା ଆଂଚଳିକ ତାଲିମ ସଂପ୍ରସାରଣ ପ୍ରତିଷ୍ଠାନ ଭାବେ ପରିଚିତ । ୧୯୪୯ ମସିହାରୁ ଏହି ପ୍ରତିଷ୍ଠାନରେ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ ସହିତ ଉନ୍ନତମାନର ତାଲିମ ପ୍ରଦାନ କରାଯାଉଛି । ଏତତ୍ ବ୍ୟତୀତ ଲର୍କିପାଲି ଠାରେ ଜିଆ ପ୍ରଜନନ କେନ୍ଦ୍ରର ପ୍ରୟୋଗଶାଳା, ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ର ଓ କୃଷି କ୍ଷେତ୍ରର ବିକାଶ ପାଇଁ ଗବେଷଣା କେନ୍ଦ୍ର ରହିଛି । ଲର୍କିପାଲି ଠାରେ ଏକ ବିରାଟ ଜଳ ଉତ୍ସ ରହିବା ସହିତ କୃଷି ବିଭାଗର ବହୁ ପରିମାଣରେ ଜମି ରହିଛି । ଇତି ମଧ୍ୟରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହେବାର ସମ୍ଭାବନା ରହିଛି । ଏହି ସବୁକୁ ଦୃଷ୍ଟିରେ ରଖି ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ନେତାଜୀ ସଂଗ୍ରାମ ପରିଷଦ ଦାବୀ କରିଛି । ସଂଗ୍ରାମ ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣାରେ ବଲାଂଗିର ଏକ୍ସନ କମିଟିର ଆବାହକ ଗୋପାଲଜୀ ପାଣୀଗ୍ରାହୀ, ନାଗରିକ କମିଟିର ନୀଳମଣି ମିଶ୍ର, ବିଷ୍ଣୁ କେଡିଆ, ଦେବାଶିଷ ବିଶ୍ୱାଳ, ଅଶୋକ ରାଉତ, ଅମନ ନାଗ, ରିଲୁ ରଥ, ଜଗନ୍ନାଥ ମହାରଣା, ଇଂ.ହିତେଷ ସାହୁ, ଅସୀମ ଭୋଇ, ରଘୁ ନନ୍ଦନ ସିଂ, ଭାସ୍କର ନାଏକ, ଗୋପାଳ ଚନ୍ଦ୍ର ହୋତା, ଡ.ବିପିନ କୁଶଲିଆ ଓ ଗୋବର୍ଦ୍ଧନ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ଼ -୧୯ ଟୀକାକରଣର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧୀୟ ଦ୍ୱିତୀୟ କର୍ମଶାଳା ଓ ପୋଲିଓ ଟୀକାକରଣର ପ୍ରଥମ କର୍ମଶାଳା ଅନୁଷ୍ଠିତ



ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲାପାଳ ମନୀଷା ବାନାର୍ଜୀଙ୍କ ଅଧକ୍ଷତାରେ କୋଭିଡ଼ -୧୯ ଟୀକାକରଣର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧୀୟ ଦ୍ୱିତୀୟ କର୍ମଶାଳା ଓ ପୋଲିଓ ଟୀକାକରଣର ପ୍ରଥମ କର୍ମଶାଳା ସୁବର୍ଣ୍ଣପୁର ଜିଲ୍ଲା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲୀପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ନବକିଶୋର ବେହେରା କୋଭିଡି-୧୯ ଟୀକାକରଣର ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରସ୍ତୁତି ଏବଂ ନିୟମାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ଭିଲାନ୍ସ ଅଧିକାରୀ ଡାକ୍ତର ଅବନିନ୍ଦ୍ର ସାହୁ ପ୍ରସ୍ତୁତି ଚାଲିଥିବା ଟୀକାର ବର୍ତମାନର ସ୍ଥିତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଆଗାମୀ ବର୍ଷ ମଧ୍ୟ ଭାଗରେ କୋଭିଡି -୧୯ର ଟୀକାକରଣ ହେବାର ସମ୍ଭାବନା ଥିବାରୁ ଜିଲାର ସମସ୍ତ ବିଭାଗର ଏହି କର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜିଲାପାଳ ଆହ୍ୱାନ କରିଥିଲେ । ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କୋଭିଡ୍ ଟୀକାକରଣର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଗଲା । ପ୍ରତ୍ୟକ ସପ୍ତାହ ବୁଧବାର ସଂଧ୍ୟାରେ ଜିଲ୍ଲା ଟାସ୍କଫୋର୍ସ୍ ମିଟିଂ କରିବାକୁ ସ୍ଥିର କରାଗଲା । ସେହି ଅନୁଶାରେ ପ୍ରତ୍ୟକ ସପ୍ତାହ ବ୍ଲକ ଟାକ୍ସଫୋର୍ସ ମିଟିଂ ମଧ୍ୟ ଅନୁଷ୍ଠିତ ହେବ । ଟୀକାକରଣ ସ୍ଥାନ ଚ୍ହିନ୍ନଟ ଓ ଟୀକାକରଣ ଅଧିକାରୀ ଚୟନ ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପୂର୍ବରୁ ସାରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ସମ୍ପୂର୍ଣ୍ଣ ଟିକାକରଣ କାର୍ଯ୍ୟକ୍ରମରେ ପଂଚାୟତ ପ୍ରତିନିଧିମାନଙ୍କୁ ସାମିଲ କରେଇବାକୁ ନିର୍ଦ୍ଦେଶ ଦିଆଗଲା ।

ଏହି କର୍ମଶାଳାରେ ଉପଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଆରକ୍ଷୀ ଅଧିକ୍ଷକ ଡି. ପି. ଦାଶ, ସୁବର୍ଣ୍ଣପୁର ପ୍ରକଳ୍ପ ନିର୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶେଳମଣୀ ପଟେଲଙ୍କ ସହ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଅଧକ୍ଷ ସୋନପୁର ମହାବିଧାଳୟ, ଅଧକ୍ଷ ବିଜୁପଟ୍ଟନାୟକ ମହିଳା ମହାବିଧାଳୟ, ଅଧକ୍ଷ ସୁକାନ୍ତି ଏକାଡେମୀ ସୋନପୁର, ନିର୍ବାହୀ ଯନ୍ତ୍ରୀ ଓ୍ୱେସ୍କୋ, ନିର୍ବାହୀ ଅଧିକାରୀ ପୌରପାଳିକା, ସୋନପୁର, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ପରିଚାଳକ ଏବଂ ଜିଲ୍ଲାର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ସରକାରଙ୍କ ଏହି ପ୍ରୟାସରେ ନିଜକୁ ଓ ନିଜ ବିଭାଗକୁ ସାମିଲ କରିବାକୁ ସମ୍ମତି ପ୍ରକାଶ କରିଥିଲେ ।

## ହାତୀ ଉତ୍ପାତ୍ : ୨ ନାବାଳକଙ୍କୁ ଦଳି ଦେଲା

ଅନୁଗୁଳ : ହାତୀ ଉତ୍ପାତ୍ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଅଂଚଳରେ ବଢ଼ି ବଢ଼ି ଚାଲିଥିବା ବେଳେ ପୁଣି ଦୁଇ ଜଣ ନାବାଳକଙ୍କୁ ଗୋଠ ଖଣ୍ଡିଆ ଦନ୍ତା ହାତୀ ଦଳି ଦେଇଥିବା ଖବର ମିଳିଛି । ସୂଚନା ଅନୁସାରେ ଛେଣ୍ଡିପଦା ରେଂଜ୍ ଅନ୍ତର୍ଗତ ମଣ୍ଡୁଆ ଗ୍ରାମର ଶୁଭକାନ୍ତ ରାଉତଙ୍କ ପୁଅ ଶ୍ରୀକାନ୍ତ(୧୩) ଓ ରମେଶ ସାହୁଙ୍କ ପୁଅ ଚନ୍ଦନ(୧୭) ସେମାନଙ୍କ ୩ ଜଣ ସାଙ୍ଗଙ୍କ ସହ ସଂଧ୍ୟା ସମୟରେ ଶୌଚ ପାଇଁ ଗାଁ ମୁଣ୍ଡକୁ ଯାଇଥିବା ବେଳେ ଗୋଠଖଣ୍ଡିଆ ଦନ୍ତାର ହାବୁଡ଼ରେ ପଡ଼ିଥିଲେ । ତେବେ ଶ୍ରୀକାନ୍ତ ଓ ଚନ୍ଦନକୁ ହାତୀ ଆକ୍ରମଣ କରିଥିଲା ଏବଂ ସେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ନବମ ଶ୍ରେଣୀର ଛାତ୍ର ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଭୁବନେଶ୍ୱରର ଏକ ପ୍ରାଇଭେଟ୍ ହସ୍‌ପିଟାଲ୍‌ରେ ଚନ୍ଦନଙ୍କ ଚିକିତ୍ସା ଚାଲିଥିବା ଖବର ମିଳିଛି ।

## ବରକାନୀ ଗ୍ରାମରେ ମହାଲକ୍ଷ୍ମୀ ପୂଜା ସମ୍ପନ୍ନ

ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଠେମରା ପଂଚାୟତର ବରକାନୀ ଗ୍ରାମରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡୁମେରମୁଣ୍ଡା ଡାମକ ଏକ ପୋଖରୀରୁ ଗତ ମଙ୍ଗଳବାର ସନ୍ଧ୍ୟାରେ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ଏଥିରେ କର୍ତ୍ତା ଭାବେ ମକୁନ୍ଦ ସାହୁ ଓ ସହଧର୍ମିଣୀ, ବୁଠି ପୁଟେଲ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇ ଥିବା ବେଳେ ପୂଜକ ଭାବେ ନୀଳାମ୍ବର ପାଢୀ ଦାୟିତ୍ୱ ନିର୍ବାହ କରିଥିଲେ । ଆଜି ପୂଜା ସମ୍ପନ୍ନ ହୋଇଯାଇଛି ।

# ଅଭିଶପ୍ତ ବର୍ଷ ୨୦୨୦ ବିଦାୟ ବିଦାୟ....

*୨୦୨୦ ମସିହା ବଲାଙ୍ଗିର ଜିଲ୍ଲା ପାଇଁ କିଛି ଆଶାର ଝଲକ ଦେଇଥିବା ବେଳେ ଅନେକ କ୍ଷତି ମଧ୍ୟ ଦେଇଛି । ପ୍ରଥମ ଥର ପାଇଁ ବିଭିନ୍ନ ପୂଜା ମଣ୍ଡପରେ ବିନା ଭକ୍ତରେ ପୂଜା କରାଯାଇଥିବା ବେଳେ କରୋନା ସଂକ୍ରମଣ ବେଳେ ବଲାଙ୍ଗିର ଜିଲ୍ଲା ପାଇଁ ପ୍ରବାସୀ ଶ୍ରମିକମାନେ ନାହିଁ ନଥିବା ଦୁଃଖ ଭୋଗିଛନ୍ତି । ଅନେକ ଲୋକଙ୍କ ମତରେ ୨୦୨୦ ମସିହା ଅଭିଶାପ ବର୍ଷ । ସୁଖ ତୁଳନାରେ ଦୁଃଖ, ବିବାଦ, ହତ୍ୟା, ଡକାୟତି ଓ ଲୁଟ୍‌ର ବର୍ଷ ପାଲଟିଛି ଏହି ୨୦୨୦ । କରୋନା ଯୋଗୁଁ ଅନେକ ଚିହ୍ନାମୁହଁ ଆଉ ପାରିରେ । ଅନେକ କରୋନା ଯୋଦ୍ଧା ବି ଚାଲିଗଲେ । ୨୦୨୦ର କିଛି ଖାସ୍ ଖବରକୁ ମନେ ପକେଇବା ଆସନ୍ତୁ ।*

## ଜିଏସଟି ଠକେଇ କରି ଜେଲ ଗଲେ ମା' ପୁଅ



ଚଳିତ ବର୍ଷ ବଲାଙ୍ଗିରର ବହୁ ଚର୍ଚ୍ଚିତ ଜିଏସଟି ଠକେଇ ଘଟଣାର ପର୍ଦ୍ଦାଫାସ ହେଲା । ପୋଲିସର ଘନଘନ ଜେରା ପରେ ସତ ଓଗାଳିଲେ ଠକେଇ କରିଥିବା ଗାୟତ୍ରୀ ଜସୱାଲ ଓ ତାଙ୍କ ପୁଅ ରବୀନ୍ଦ୍ର ଜସୱାଲ । ଗରିବ ନିରୀହଙ୍କୁ କେମିତି ଭୂଆଁ ବୁଲାଇ ଋଣ କରାଇ ଦେବା ନାଁରେ ମା'ପୁଅ ଠକୁଥିଲେ ତାର ପ୍ରମାଣ ପାଇବା ପରେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା ଟାଉନ୍ ଥାନା ପୋଲିସ । ଭୂତ କମ୍ପାନୀ ନାଁରେ ଚାଲୁଥିଲା ପୂରା କାରବାର । କୋଟି କୋଟି ଟଙ୍କାର କାରବାର ବି ହେଉଥିଲା । ନିରୀହ ଗରିବଙ୍କ ନାଁରେ ଋଣ ନେଇ ଠକୁଥିଲେ ସିଲେଇ ଦିଦି ଓ ତାଙ୍କ ପୁଅ । ଦୁଇ କୋଟି ଟଙ୍କାର ଜିଏସଟି ଠକେଇ କରି ଶେଷରେ କୋର୍ଟକୁ ଗଲେ ମା' ପୁଅ ।

## ମା'ବାପାଙ୍କ ମୃତ୍ୟୁ ପରେ ସାହାରା ଖୋଜିଲେ ଚାରି ଅନାଥ ଭାଇ ଭଉଣୀ



ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଆମ୍ବପାଲି ପଂଚାୟତ ଭେରୁଆଭଟା ଗ୍ରାମରେ ଗ୍ରାମର ଗତ ୧୩/୯ ତାରିଖ ଦିନ ବ୍ରଜପାତରେ ରେବତୀଙ୍କ ମୃତ୍ୟୁ ହୋଇଥିଲା ଓ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ୬ ବର୍ଷ ପୂର୍ବରୁ ହୋଇ ସାରିଥିଲା । ତେବେ ବର୍ତ୍ତମାନ ସୁଜାତା ସାହୁ(୧୮), ଭଗବତୀ ସାହୁ(୧୨), ଭୀମସେନ ସାହୁ(୧୨), ମାନସୀ ସାହୁ(୮), ଏଇ ଚାରିଜଣ ବାପାମାଆଙ୍କ ମୃତ୍ୟୁ ପରେ ଏବେ ଅନାଥ । ତେବେ ଏମାନେ ଏବେ ପାଠ ପଢିବା ବୟସରେ ଛେଳି ଚରାଉଛନ୍ତି । ଏମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ୨୫କେଜି ଚାଉଳ ହି ସାହା ଭରସା ସାଜିଛି । ବାପାମା'ଙ୍କ ତିଆରି କରିଥିବା ଭଙ୍ଗା କୁଡ଼ିଆ ଘରେ ଏବେ ଏମାନେ ଜୀବନ ଯାପନ କରୁଛନ୍ତି । କିନ୍ତୁ ସେହି ଘର କେତେବେଳେ ଭୁଷୁଡି ପଡିବ, ତାହା କହି ହେବ ନାହିଁ । ଡରି ଡରି ଜୀବନ ବିତାଉଛନ୍ତି ଚାରି ଭାଇ ଭଉଣୀ । ସାହାରା କହିଲା ତାଙ୍କ ବୁଢ଼ା ବୟସର ଅଜାଆଇ । କିନ୍ତୁ ସେହି ଅଜାଆଇଙ୍କୁ ନିଜ ପେଟ ପୋଷିବା ପାଇଁ କଷ୍ଟ ହେଉଥିବା ବେଳେ ଏମାନଙ୍କୁ ସାହାଯ୍ୟ କରିବା ସମ୍ଭବ ହେଉନଥିବା ଚାରି ଭାଇଭଉଣୀ କହିଥିଲେ ।

'କୋଶଳ ପ୍ରବାହ'ରେ ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ସିଡବ୍ଲୁସି ବିଭାଗ ପହଂଚି ସାହାରା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ଯୁବ ଜିଲ୍ଲାପାଳ ଚଞ୍ଚଳ ରାଣା ଅନନ୍ତ ପାଇଁ ହେଲେ ଆଶୀର୍ବାଦ



କରୋନା ମହାମାରୀ ସମୟରେ ବଲାଙ୍ଗୀର ଜିଲ୍ଲାପାଳ ଅରିନ୍ଦମ ଡାକୁଆଙ୍କ ସ୍ଥାନରେ ଯୋଗ ଦେଲେ ଯୁବ ଜିଲ୍ଲାପାଳ ଚଞ୍ଚଳ ରାଣା । ଜିଲ୍ଲାପାଳ ଭାବେ ଯୋଗ ଦେଉ ଦେଉ ଜିଲ୍ଲା ବୁଲିଲେ । ପରେ ଜିରୋ ଟଲରେନ୍ସର ବାର୍ତ୍ତା ଦେଉଥିବା ଜିଲ୍ଲାପାଳ ଏକନ୍ସ ମୁଡ଼ରେ ଆସିଥିଲେ । ଏତିକି ବେଳେ ଦେଓଗାଁ ବ୍ଲକ ଜୁର୍ଲାକାନି ଗାଁକୁ ଯାଇଥିବା ବେଳେ ଇଞ୍ଜିନିୟର ଅନନ୍ତ ବେରିଆ ମାଟି କାମ କରୁଥିବା ଜାଣିବାକୁ ପାଇଥିଲେ । ତେବେ ସାଙ୍ଗେ ସାଙ୍ଗେ ତାଙ୍କୁ ବଲାଙ୍ଗିର ଆସିବା ପାଇଁ କହିବା ପରେ ଯୁବକ ଯାଇଥିଲେ । ଅନନ୍ତଙ୍କୁ ସେ ଡାଟା ଏନ୍‌ଟ୍ରି ଅପରେଟର ଭାବେ ନିଯୁକ୍ତି ଦେଇଛନ୍ତି । ତେବେ ଚର୍ଚ୍ଚା ଜୋର୍ ଧରିଲା ଜିଲ୍ଲାରେ 'ଯୁବ ଜିଲ୍ଲାପାଳ ଚଞ୍ଚଳ ରାଣା ଇଂଜିନିଅର ଅନନ୍ତ ପାଇଁ ହେଲେ ଆଶୀର୍ବାଦ' ।

## ଦେଓଗାଁ ହାତୀ ମୃତ୍ୟୁ ଘଟଣା : ରହସ୍ୟ ଘେରରେ



ମଠଖାଇ ସଂରକ୍ଷିତ ଜଙ୍ଗଲରେ ହୋଇଥିବା ହାତୀ ମୃତ୍ୟୁ ଘଟଣା ଏବେ ବି ରହସ୍ୟମୟ । ହେଲେ ହାତୀ ମୃତ୍ୟୁକୁ ନେଇ ଅନେକେ ବାଦ ବିବାଦ ଦେଖାଦେଇଥିଲା । ଗୋଟିଏ ରେଞ୍ଜରେ ଦୁଇ ବର୍ଷ ଭିତରେ ଦୁଇଟି ହାତୀ ମୃତ୍ୟୁବରଣ କରିଥିବାରୁ ସହଜେ ଗ୍ରହଣ କରି ପାରୁନାହାନ୍ତି ସ୍ଥାନୀୟ ଲୋକ । ବରାହ ଫାଶରେ ପଡି ହାତୀ ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ଲୋକ କହିଥିଲେ ।

## ବାଇକକୁ ଧକ୍କା ଦେଲା ବୋଲେରୋ : ଆଉ ଚାଲିଗଲା ବାପା-ପୁଅ ସହ ମା'ଙ୍କ ଜୀବନ

ବଲାଙ୍ଗିର ଜିଲ୍ଲା ଗୁଡ଼ଭେଳାରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା । ଏକ ବାଇକ ଯୋଗେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗାଁର ମାନକୁନୁ ବିଶି(୩୫) ପତ୍ନୀ ମୁକ୍ତା (୨୮), ପୁଅ ଶମ୍ଭୁ(୩) ଏବଂ ଓମ୍(୧)ଙ୍କ ସହ ତୁଷୁରାରୁ ଏକ ବାଇକ ଯୋଗେ ଘରକୁ ଫେରୁଥିଲେ । ଜମ୍ଭେଲ ଛକର ମିଶ୍ର ଢ଼ାବା ପାଖରେ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା ଆଉ ଧକ୍କା ଦେବା ମାତ୍ରେ ବାଇକରେ ନିଆଁ ଲାଗିଯାଇଥିଲା । ତେବେ ଘଟଣାସ୍ଥଳରେ ବାପା ଓ ତିନି ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଥିବାବେଳେ ମା ଓ ବର୍ଷକର ପୁତ୍ର ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଗୁରୁତର ଅବସ୍ଥାରେ ତୁଷୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଥିଲା । ହେଲେ ଡାକ୍ତରଖାନାରେ ମା'ର ବି ମୃତ୍ୟୁ ହୋଇଥିଲା । ବର୍ଷକର ପୁଅ ଓମ୍ ଏକା ହୋଇଗଲା ।

## କରୋନାରେ ମୃତ୍ୟୁ କହି ଗାଁକୁ ପଶେଇ ଦେଲେ ନାହିଁ ଯବାନଙ୍କ ମୃତ୍ୟୁ ଦେହ

ସାରା ରାଜ୍ୟରେ ଏବେ କରୋନା ମହାମାରୀକୁ ନେଇ ସବୁଆଡେ ଭୟର ବାତାବରଣ ଲାଗିଥିଲା ଓ ଏବେ ବି ରହିଛି ଅବଶ୍ୟ । ତେବେ ସଂକ୍ରମିତ ଚିହ୍ନଟ ପରେ ଲୋକେ ତାଙ୍କୁ ସାମାଜିକ ବାସନ୍ଦ କଲା ଭଳି ଆଚାରଣ କରୁଥିବା ମଧ୍ୟ ଦେଖିବାକୁ ମିଳୁଥିଲା । ଆଗରୁ ଯେମିତି ଜାତିଭେଦ ରହୁଥିଲା, ଠିକ ସେହିଭଳି ଏହି କରୋନା ମହାମାରୀରେ ସଂକ୍ରମିତ ହେଲା ପରେ ଭେଦଭାବ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା । ତେବେ କରୋନା ସଂକ୍ରମିତ ଭୟରେ ଜଣେ ସିଆରପିଏଫ ଯବାନଙ୍କ ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ଉପଯୁକ୍ତ ସମ୍ମାନ ମିଳି ନଥିବା ବେଳେ ଅସନ୍ତୋଷ ଦେଖା ଦେଇଥିଲା । ତେବେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଥିଲା ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଧରପଗଡ଼ ଗ୍ରାମ ପଂଚାୟତରେ । ପ୍ରକାଶ ଥାଉ କି, ସିଆରପିଏଫ ଯବାନ ଜଣକ ରାୟଗଡା ଜିଲ୍ଲାରେ କାର୍ଯ୍ୟରତ ଥିଲେ । ତେବେ ସେହି ସ୍ଥାନରେ ତାଙ୍କ ଦେହ ଅସୁସ୍ଥ ହେବାପରେ ସଇଁତଲା ସ୍ଥିତ ମହଗାଁ ଶ୍ୱଶୁର ଘରକୁ ଆସି ପରିବାର ସହ ରହୁଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଅତି ବିଗିଡିବାରୁ ସେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଯାଇଥିଲେ । କିନ୍ତୁ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ପରେ ପରିବାର ଲୋକେ ତାଙ୍କ ନିଜ ବାସଭବନ ଧରପଗଡ଼କୁ ଯବାନଙ୍କ ମୃତ ଦେହ ଆଣିଥିଲେ । ହେଲେ ଗ୍ରାମବାସୀ ଖବର ପାଇବା ପରେ ଯବାନଙ୍କ ପାର୍ଥିବ ଶରୀରକୁ କରୋନା ସଂକ୍ରମିତ ବୋଲି ଗାଁକୁ ପଶାଇ ଦେଇନଥିଲେ ।

## ଦେଖୁ ଦେଖୁ ଲିଭିଗଲା ସମ୍ଭାବନାମୟ ଦୁଇଟି ଜୀବନ ଦୀପ

## ଦୁଇ ଭଉଣୀ ଏକା ସାଂଗେ ନଦୀକୁ ଡେଇଁ କଲେ ଆତ୍ମହତ୍ୟା





ତୁଷୁରା ଅଂଚଳର ବହୁ ଚର୍ଚ୍ଚିତ ଅନମୋଲ ଅଗ୍ରୱାଲ ଏବଂ ଆଂଚଲ ଅଗ୍ରୱାଲଙ୍କ ନିଖୋଜ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ଦୁଇ ଭଉଣୀଙ୍କ ମୃତ ଦେହ ତେଲ ନଦୀର ଭିନ୍ନ ଭିନ୍ନ ପଠାରୁ ଉଦ୍ଧାର କଲା ପୋଲିସ ସହ ଓଡ୍ରାପ ଟିମ । ତୁଷୁରାସ୍ଥିତ ତେଲନଦୀ ବ୍ରିଜରୁ ନଦୀକୁ ଡେଇଁ ନିଖୋଜ ହୋଇ ଯାଇଥିବା ୨ ଭଉଣୀଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ସୋନପୁର ଜିଲ୍ଲା ତରଭା ସିଂହାଣୀ ପଂଚାୟତ ବଡ଼କେନ୍ଦା ନଦୀ କୂଳରୁ ଭାସମାନ ଅବସ୍ଥାରେ ଠାବ ହୋଇଥିବା ବେଳେ ବଡ଼ ଭଉଣୀ ଅନମୋଲ ଅଗ୍ରୱାଲଙ୍କ ମୃତ ଦେହ ବୌଦ୍ଧ ଜିଲ୍ଲା ବଉଁସୁଣୀ ନିକଟସ୍ଥ ତେଲ ନଦୀ ପଠାରୁ ଉଦ୍ଧାର ହୋଇଥିଲା ।

ଅକ୍ଟୋବର ୧୫ ତାରିଖ ଦିନ ନିଜ ପରିବାରକୁ ପାଖ ଦୋକାନକୁ ଯାଉଛୁ କହି ଦୁଇ ଭଉଣୀ ଏକ ସ୍କୁଟି ଯୋଗେ ଦଶ କିଲୋମିଟର ଦୂର ତେଲ ନଦୀ ବ୍ରିଜ ଉପରକୁ ଆସି ସ୍କୁଟି ରଖି ଦୁଇ ଭଉଣୀ ତେଲ ନଦୀ ବ୍ରିଜ ଉପରେ ରହିଥିବା କେତେକ ଲୋକେ ଦେଖିଥିଲେ । ହେଲେ କିଛି ସମୟ ମଧ୍ୟରେ ବ୍ରିଜ ଉପରେ କେବଳ ସ୍କୁଟି ଓ ଚପଲ ଦୁଇ ଯୋଡ଼ା ରହିଥିବା ବେଳେ ଦୁଇ ଯୁବତୀଙ୍କ ପତ୍ତା ମିଳି ନଥିଲା । ଏମିତିକି ସେମାନେ ଏକ ପର୍ସ ଓ ମୋବାଇଲ ଧରିଥିବା ଲୋକେ ଦେଖିବାକୁ ପାଇଥିଲେ । ହେଲେ କେବଳ ସ୍କୁଟି ଓ ଚପଲ ବ୍ରିଜ ଉପରେ ଥିବାବେଳେ ଦୁଇ ଭଉଣୀ ସହ ପର୍ସ ଏବଂ ମୋବାଇଲ ନଥିଲା ।

ଲୋକେ ନଦୀ ଭିତରେ ଏକ ଶବ୍ଦ ଶୁଣିଥିବା ବେଳେ ଦୁଇ ଭଉଣୀ ନଦୀରେ ଡେଇଁ ପଡ଼ିଥିବା ସନ୍ଦେହ କରିଥିଲେ । ଏମିତିକି କେତେକ ଲୋକେ ନଦୀ ଭିତରେ ଜଣେ ଯୁବତୀଙ୍କ ହାତ ବି ଉପରକୁ ଉଠିଥିବା ଦେଖି ଦୁଇ ଭଉଣୀ ନଦୀ ଭିତରକୁ ଡେଇଁ ପଡ଼ିଥିବା ଅନୁମାନ କରିଥିଲେ । ତେବେ ଦୁଇ ଭଉଣୀ ଏକା ସାଙ୍ଗରେ ବ୍ରିଜ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକେ ବିଶ୍ୱାସ କରି ପାରୁନାହାନ୍ତି । କିଛି ଘଟଣା କ୍ରମରେ ଦୁଇ ଭଉଣୀ ନଦୀ ଭିତରେ ଖସି ଯାଇଥିବା ବା ପଡିଯାଇଥିବା ଅନୁମାନ କରୁଛନ୍ତି । ଏମିତିକି ବଡ଼ ଭଉଣୀ ବ୍ରିଜ ଉପରୁ ନଦୀରେ ଖସିପଡୁଥିବା ଦେଖି ନିଜ ଭଉଣୀକୁ ବଂଚାଇବାକୁ ଯାଇ ନିଜେ ନଦୀ ଭିତରକୁ ଡେଇଁ ପଡ଼ିଥିବା ଲୋକେ ସନ୍ଦେହ ପ୍ରକାଶ କରୁଛନ୍ତି । ତେବେ ଅନମୋଲ ଏବଂ ଆଂଚଲ ଅଗ୍ରୱାଲ ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ବିଶ୍ୱାସ କରି ପାରୁନଥିବା ମଧ୍ୟ କହିଛନ୍ତି । ଏବେ ବି ଏହି ଘଟଣା ଉପରୁ ପର୍ଦ୍ଦା ହଟି ପାରିନାହିଁ । ସଂଦେହରେ ହିଁ ରହିଛି ଦୁଇ ଭଉଣୀଙ୍କ ଆତ୍ମହତ୍ୟା ଘଟଣା ।

## ଅଭିନେତା ନେତ୍ରାନନ୍ଦ ବାରିକ ଚାଲିଗଲେ



ବଲାଙ୍ଗିର ମାଟିର ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର, କାଷ୍ଠକଳା ଶିଳ୍ପୀ, ଚଳଚ୍ଚିତ୍ର ଅଭିନେତା ପ୍ରଖ୍ୟାତ ସାରସ୍ୱତ ପୁରୁଷ ନେତ୍ରାନନ୍ଦ ବାରିକ(୬୯) ଏଇ କିଛି ଦିନ ତଳେ ମୃତ୍ୟୁବରଣ କରିଥିଲେ । କିଛି ବର୍ଷ ହେଲା ତାଙ୍କ ଅସୁସ୍ଥତା ଲାଗି ରହିଥିଲା । ସ୍ୱର୍ଗତ ବାରିକଙ୍କ ଦ୍ୱାରା ରଚିତ ଗୀତି କବିତା ସଂକଳନ 'ତୁକୁଡ଼ା କାଁଚେ ଚାନ୍ଦ', କଥାନୀ ପୁସ୍ତକ 'କୋଶଲୀ କଥାନୀ' ତଥା ନାଟକ 'ଅ ରୁ କ୍ଷ' ସାହିତ୍ୟ ଜଗତ ପାଇଁ ଅମୂଲ୍ୟ ଉପହାର । ତାଙ୍କର ପ୍ରଥମ ବେତାର ନାଟକ ହେଉଛି 'ଭାଙ୍ଗ୍‌ଡୁବି', ଯାହା ଏବେ ବି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରେ । କାଷ୍ଠ କଳାରେ ସେ ଜଣେ ନିପୁଣ କଳାକାର ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କ ଅନେକ କ୍ୟାସେଟ୍ ଭିତରୁ 'ଭାଏ ଜୁଇଁତିଆ' ଓ 'ରାସଲୀଳା' ବେଶ୍ ଚର୍ଚ୍ଚାକୁ ଆସିଥିଲା । ବହୁ ଚର୍ଚ୍ଚିତ ସିନେମା 'ଭୁଖା'ରେ ସେ ପ୍ରଡକ୍‌ସନ୍ କଂଟ୍ରୋଲର୍ ଦାୟିତ୍ୱ ନେଇଥିବା ବେଳେ ସେହି ସିନେମାର ଗୀତଗୁଡ଼ିକ ନିଜେ ରଚନା କରିଥିଲେ ଓ ହୃଦୟସ୍ପର୍ଶୀ ଅଭିନୟ ମଧ୍ୟ କରିଥିଲେ । ସେହିପରି 'ଆଦିମ୍ ବିଚାର', 'ଶଳାବୁଢ଼ା ବଦ୍‌ଲା', 'ପାର୍ବତୀଗିରି', 'ଜୟ ଜଗନ୍ନାଥ' ଆଦି ସିନେମାରେ ସେ ଅଭିନୟ କରି ବିଶେଷ ସୁନାମ ଅର୍ଜନ କରିଥିଲେ । ସାମୁହିକ ଭାବେ କହିବାକୁ ଗଲେ ଜଣେ ହୃଦୟବାନ ମାଟିର ମଣିଷ ସାରସ୍ୱତ ପୁରୁଷ ନେତ୍ରାନନ୍ଦ ବାରିକଙ୍କ ଦେହାନ୍ତ କୋଶଲ ମାଟି ପାଇଁ ନିହାତି ଅପୂରଣୀୟ କ୍ଷତି ବୋଲି କଳାକାର, ସାହିତ୍ୟିକ ଜଗତରେ ମତପ୍ରକାଶ ପାଇଥିଲା ।

## କରୋନା କାଳରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ସୀମା ଲଂଘିଲା

ଚଳିତ ବର୍ଷ ଫେବୃଆରୀ ବେଳକୁ କରୋନା ସଂକ୍ରମଣର ପ୍ରହାର ଆରମ୍ଭ ହୋଇ ଯାଇଥିଲା । ପରେ ପରେ ଆରମ୍ଭ ହୋଇଗଲା ଲକ୍ ଡାଉନ୍, ସଟ୍ ଡାଉନ୍ । ଗାଡ଼ି ଘୋଡ଼ା, ଟ୍ରେନ୍ ସବୁ ବନ୍ଦ । ବାଟଘାଟ ଖାଁ ଖାଁ । ରାସ୍ତା ଉପରେ ପୁଲିସ ପହରା । ଦୋକାନ ବଜାର ସବୁ ଠପ୍ । ଏତିକି ବେଳେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଦୁଃଖର ସୀମା ଲଂଘିଥିଲା । କିଏ ହଜାର ହଜାର କିଲୋମିଟର ପାଦରେ ଚାଲି ଚାଲି ନିଜ ଜନ୍ମ ମାଟିକୁ ଫେରିଲା ତ' କିଏ ସରକାରଙ୍କ ବ୍ୟବସ୍ଥା ଅନୁସାରେ ବଡ଼ ଦୟନୀୟ ଅବସ୍ଥାରେ ନିଜ ଗାଁ ମାଟିରେ ପହଂଚିଲା । ହେଲେ ଗାଁରେ ପହଂଚିବା ପରେ ବି ଦୁଃଖ ସରିଲାନି । କ୍ୱାରେନ୍‌ଟାଇନ୍ ଗୃହରେ ରହିବାକୁ ହେଲା ପିଲାଛୁଆ ଧରି । ଅଧିକାଂଶ କ୍ୱାରେନ୍‌ଟାଇନ୍ ସେଂଟର୍‌ରେ ନାହିଁ ନଥିବା ଅସୁବିଧା । ଭୋକ ଉପବାସରେ ଅନେକ ପ୍ରବାସୀ ଶ୍ରମିକ ତ୍ରାହି ତ୍ରାହି ଡାକିଲେ ମଧ୍ୟ । କରୋନା ସଂକ୍ରମଣ ଜଗତକୁ ନିଶ୍ଚିତ୍ ଭାବରେ କାଳ ଆଣିଦେଲା ।

# ଡିସେମ୍ବର ୨୮ରେ ବିଧାନସଭାରେ ଆଗତ ହେବାକୁ ଥିବା ଲଭ୍ ଜିହାଦ ବିରୋଧରେ ବିଲ୍ ମଞ୍ଜୁର କରିଛନ୍ତି ଶିବରାଜ କ୍ୟାବିନେଟ୍



ଭୋପାଳ : ମଧ୍ୟପ୍ରଦେଶର ଶିବରାଜ କ୍ୟାବିନେଟ ଲଭ୍ ଜିହାଦ ବିରୋଧରେ ବିଲ୍ ଅନୁମୋଦନ କରିଛନ୍ତି । ଏହି ବିଲ୍ ଅନୁଯାୟୀ, ଯଦି କେହି ପରିଚୟ ଲୁଚାଇ ବିବାହ କରିବ, ତେବେ ୧୦ ବର୍ଷ ପର୍ଯ୍ୟନ୍ତ କାରାବରଣ ହୋଇପାରେ । ବାଧ୍ୟତାମୂଳକ ଧର୍ମାନ୍ତିକରଣ କଲେ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ହେବ । ୨୮ ଡିସେମ୍ବରରୁ ବିଧାନସଭା ଅଧିବେଶନରେ ଏହା ଲାଗୁ ହେବ ।

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ କ୍ୟାବିନେଟ ବୈଠକରେ ଧାର୍ମିକ ସ୍ୱାଧୀନତା ବିଲ୍ -୨୦୨୦ ପାରିତ ହୋଇଛି । ସଂଶୋଧିତ ପଏଣ୍ଟ ସହିତ ଏହି ବିଲ୍ ଅନୁମୋଦନ କରାଯାଇଛି ।

# କଲେଜରେ ଚାଲିଥିଲା ନକଲି ମଦ କାରଖାନା



ମିରଟ : ୟୁପି.ର ମିରଟ ଜିଲା ଜାନି ଥାନା ଅନ୍ତର୍ଗତ ଭୋଲା ରୋଡ୍ ପେପଲା ଗାଁ ନିକଟରେ ମହେନ୍ଦ୍ର ପ୍ରତାପ ଡିଗ୍ରୀ କଲେଜ ରହିଥିବା ବେଳେ ଏହି କଲେଜ ୩ ବର୍ଷ ହେବ ବନ୍ଦ ହୋଇ ପଡ଼ି ରହିଛି । ଏହାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ସେଠାରେ ମଦ ତିଆରି କରି ଚୋରା କାରବାର କରୁଥିଲେ । ଏ ବିଷୟରେ ସୂଚନା ମିଳିବା ପରେ କଙ୍କରଖେଡ଼ା ଏବଂ ଜାନି ପୁଲିସ ମିଳିତ ଭାବେ ଗତରାତିରେ ଚଡ଼ାଉ କରି କଲେଜର ଚୌକିଦାର ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଖବର ମିଳିଛି । ଚଡ଼ାଉ ସମୟରେ ପୁଲିସ ସେଠାରୁ ୧୦୦ ପେଟି ନକଲି ମଦ ଜବତ କରିଥିବା ସୂଚନା ମିଳିଛି । ମଦ ପ୍ରସ୍ତୁତି ପାଇଁ ଦରକାର ପଡୁଥିବା ସରଞ୍ଜାମ ଆଦି ମଧ୍ୟ ଜବତ ହୋଇଛି ।

# ସାଇବର୍ ଠକେଇ ପ୍ରତି ସାବଧାନ



ବଲାଙ୍ଗିର, (କେପିଏନ୍ଏସ୍) : ସାଇବର୍ ଠକେଇ ପ୍ରତି ସାବଧାନ ରହିବାକୁ ସୋସିଆଲ୍ ମିଡ଼ିଆରେ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି । ସେଥିରେ କୁହାଯାଇଛି ଯେ, ଆପଣଙ୍କ ପାଖକୁ କରୋନା ଟୀକା ଦିଆଯିବା ବିଷୟରେ ଫୋନ୍ କଲ୍ କିମ୍ବା ମେସେଜ ଆସିପାରେ ।

ଟୀକା ପାଇଁ ଆପଣଙ୍କୁ ରେଜିଷ୍ଟ୍ରେସନ କରିବାକୁ ଆପଣଙ୍କର ଫୋନ୍ ନମ୍ବର ଓ ଆଧାର ନମ୍ବର ମାଗି ପାରନ୍ତି । ତତ୍ ସଙ୍ଗେ ରେଜିଷ୍ଟ୍ରେସନ ପାଇଁ ଓଟିପି ନମ୍ବର ମାଗି ପାରନ୍ତି । ଯଦି ଆପଣ ଏସବୁକୁ ପ୍ରଦାନ କରନ୍ତି, ତେବେ ଆପଣଙ୍କ ବ୍ୟାଙ୍କ ଆକାଉଂଟ ଖାଲି ହୋଇ ଯାଇପାରେ । ତେଣୁ ଏପରି ଫୋନ୍ କଲ୍‌କୁ ପ୍ରତ୍ୟାଖ୍ୟାନ କରନ୍ତୁ, ସତର୍କ ରୁହନ୍ତୁ ଓ ସୁରକ୍ଷିତ ରୁହନ୍ତୁ । ତେବେ ଏସବୁ ଦିଗରେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ ।

# ମାଁ ବସ୍ତେନ ମାଉଲି ପଂଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ : ଉଡାର ଦଳ କୁ ହରାଇ ଖଇରା ଦଳ ବିଜୟୀ



ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଠେମରା ପଂଚାୟତ ଜାମତରା ଗ୍ରାମର ଖେଳପଡିଆ ଠାରେ ମାଁ ବସ୍ତେନ ମାଉଲି ପଂଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ପଂଚମ ଦିନରେ ପହଂଚିଥିବା ବେଳେ ଖଇରା ଓ ଉଡାର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ପ୍ରଥମେ ଖଇରା ଦଳ ବ୍ୟାଟିଂ କରି ୮ ଓଭରରେ ୪ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିବା ବେଳେ ଜବାବ୍‌ରେ ଉଡାର ଦଳ ୭ ଓଭର ୩ ବଲ୍‌ରେ ସମସ୍ତ ୱିକେଟ ହରାଇ ମାତ୍ର ୮୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ନିତ୍ୟାନନ୍ଦ ପୃଷେଠ୍ ଓ ସତାର୍ ଅଲ୍ଲୀ ଖେଳ ପରିଚାଳନା କରିଥିଲେ । ଆଜିର ପଂଚମ ଦିବସରେ ମୁଖ୍ୟ ଅତିଥି ଭାବେ ସମାଜକର୍ମୀ ପୁରୋହିତ ଛୁରା, ସମ୍ମାନୀୟ ଅତିଥି ଭାବେ ରାଧେଶ୍ୟାମ ପାତ୍ର ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକ କମିଟିର ନିର୍ମଳ ମାଝୀ, ସଞ୍ଜିବ ଛୁରା, ପ୍ରଦୀପ ଭୋଇଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

# ଆକାଶ ଗଙ୍ଗା ମୃତ ଏଲିଅନ୍‌ମାନଙ୍କ ଘର ହୋଇପାରେ, ନିଜ ବିଜ୍ଞାନର ଶିକାର ହୋଇଥିଲେ ସେମାନେ : ଅନୁସନ୍ଧାନ



ୱାଶିଂଟନ୍ : ଅସୀମ ଆକାଶରେ ଅନେକ ସମୟରେ ଏଲିଅନ୍‌ମାନଙ୍କ ଉପସ୍ଥିତି ବିଷୟରେ କଳ୍ପନାଜଳ୍ପନା ଚାଲିଛି । କିନ୍ତୁ ବର୍ତ୍ତମାନ ଏକ ନୂତନ ଅନୁସନ୍ଧାନରୁ ଜଣାପଡିଛି ଯେ, ଆମର ଆକାଶ ଗଙ୍ଗା ମୃତ ଏଲିଅନ୍‌ମାନଙ୍କ ଘର ହୋଇପାରେ । ଏଥି ସହିତ, ଏହି ବିଦେଶୀମାନେ ନିଜ ନିଜ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଶିକାର ହୋଇ ମୃତ୍ୟୁବରଣ କରିବାର ଏକ ଦୃଢ ସମ୍ଭାବନା ରହିଛି । ଏହି ଗବେଷଣା ଏହି ସମୟରେ ଆସିଛି ଯେତେବେଳେ ଗବେଷକମାନେ ସ୍ମାର୍ଟ ଜୀବମାନଙ୍କର ଅସ୍ତିତ୍ୱକୁ ଗଣନା କରିଛନ୍ତି ।

ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ, ଆମର ଆକାଶ ଗଙ୍ଗା ଗଠନର ପ୍ରାୟ ୮ ବିଲିୟନ ବର୍ଷ ପରେ ଏଲିଅନ୍‌ମାନେ ଜନ୍ମ ହୋଇଥିଲେ । ଯେହେତୁ ମଣିଷ ଏପର୍ଯ୍ୟନ୍ତ ଏଲିଅନ୍‌ମାନଙ୍କ ସହ ଯୋଗାଯୋଗ କରିବାରେ ବିଫଳ ହୋଇଛି, ଅନୁସନ୍ଧାନକାରୀମାନେ ସେମାନଙ୍କ ଅଧ୍ୟୟନରେ କହିଛନ୍ତି ଯେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ସଭ୍ୟତାର ବିନାଶ ହୋଇଛି । ଏହି ଅନୁସନ୍ଧାନରେ କୁହାଯାଇଛି ଯେ, ବିଜ୍ଞାନ ଏବଂ ପ୍ରଯୁକ୍ତିର ବିକାଶ ମଧ୍ୟ ଆମକୁ ବିନାଶ ଏବଂ ଅବନତି ଆଡକୁ ନେଇଥାଏ ।

ଏହା ପୂର୍ବରୁ ଆସିଥିବା ଅନ୍ୟ ଅନୁସନ୍ଧାନରେ ମଧ୍ୟ କୁହାଯାଇଛି ଯେ, ବିଭିନ୍ନ ପରିସ୍ଥିତିରେ ମାନବ ଆତ୍ମହତ୍ୟା ସମ୍ଭବ ହୋଇପାରେ । ଅନୁସନ୍ଧାନକାରୀ ମାନେ କହିଛନ୍ତି ଯେ, ସ୍ମାର୍ଟ ପ୍ରାଣୀମାନେ ନିଜକୁ ମାରି ପାରନ୍ତି, ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ ସ୍ମାର୍ଟ ଜୀବନ ଆଦୌ ନାହିଁ କିମ୍ବା କିଛି ପରିମାଣରେ ଅଛି । ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଛନ୍ତି ଯେ, ଯଦି ବ୍ରହ୍ମାଣ୍ଡରେ କୌଣସି ସ୍ଥାନରେ ଏଲିଏନ୍ ଥିଲେ ମଧ୍ୟ ଆମେ ସେମାନଙ୍କୁ ଦେଖିପାରୁ ନାହୁଁ କିମ୍ବା ସେମାନେ ବହୁତ ଦୂରରେ ଅଛନ୍ତି ।

ସମ୍ପ୍ରତି ବୈଜ୍ଞାନିକମାନଙ୍କର ଏକ ଆନ୍ତର୍ଜାତୀୟ ଦଳ ପ୍ରଥମ ଥର ପାଇଁ ଆମର ସୌର ମଣ୍ଡଳ ବାହାରେ ଥିବା ଗ୍ରହରୁ ଆସୁଥିବା ରେଡିଓ ସିଗନାଲ୍ ଚିହ୍ନଟ କରିଛନ୍ତି । ଏହି ଚିହ୍ନଗୁଡିକ ୫୧ ଆଲୋକ ବର୍ଷ ଦୂରରେ ଅବସ୍ଥିତ ଗ୍ରହ ପ୍ରଣାଳୀରୁ ଆସୁଛି । ବୈଜ୍ଞାନିକମାନେ ରିପୋର୍ଟ କରିଛନ୍ତି ଯେ ନେଦରଲ୍ୟାଣ୍ଡ ଭିତ୍ତିକ ରେଡିଓ ଟେଲିସ୍କୋପ ଦ୍ୱାରା ଟାଉ ବୁଟ୍ସ ଷ୍ଟାର ସିଷ୍ଟମରୁ ଆସୁଥିବା ରେଡିଓ ସିଗନାଲ୍ ଚିହ୍ନଟ କରିଛି । ଗ୍ୟାସ ନିର୍ମିତ ଏକ ଗ୍ରହ ଏହାର ଅତି ନିକଟରୁ ପରିକ୍ରମା କରୁଛି ଏବଂ ଏହାକୁ ତଥାକଥିତ 'ହଟ ବୃହସ୍ପତି' ମଧ୍ୟ କୁହାଯାଉଛି ବୋଲି ପ୍ରକାଶ କରାଯାଇଛି ।

# ନୃଶଂଶ କାଣ୍ଡ ଭିଆଇଁଲେ ମାଓବାଦୀ : ଘରୁ ଡାକି ନେଇ ଗାଁମୁଣ୍ଡରେ କଲେ ହତ୍ୟା



ମାଲକାନଗିରି : ପୁଣି ମାଓବାଦୀମାନେ ଭିଆଇଛନ୍ତି ନୃସଂଶ କାଣ୍ଡ । ସୂଚନା ଅନୁସାରେ ଆନ୍ଧ୍ର-ଓଡିଶା ସୀମାନ୍ତ ମାଲକାନଗିରିର ସ୍ୱାଭିମାନ ଅଂଚଳରେ ଜଣକୁ ପୁଲିସ ଇନଫର୍ମର କହି ହାତ ବାନ୍ଧି ମୁଣ୍ଡ ପଛରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ମାରି ଦେଇଥିବା ଖବର ମିଳିଛି । ମୃତକ ଜଣକ ହେଉଛନ୍ତି ଆନ୍ଧ୍ର ପ୍ରଦେଶ ବିଶାଖାପାଟନମ ଜିଲ୍ଲାର ପେଦାବାଇଲୁ ବ୍ଲକର ବିନିଲକୋଟା ପଂଚାୟତ ଅନ୍ତର୍ଗତ ଚିନ୍ତାଗୁରୁ ଗ୍ରାମର ସତୀଶ ବାବୁ । ତାଙ୍କୁ କରୁକୋଣ୍ଡାଦଲମ ମାଓବାଦୀମାନେ ହତ୍ୟା କରିଥିବା ସୂଚନାରେ କୁହାଯାଇଛି । ରାତି ପ୍ରାୟ ଦୁଇଟା ବେଳେ କୋଡିଏରୁ ଅଧିକ ମାଓବାଦୀ ଆସି ସତୀଶ ବାବୁଙ୍କୁ ଘରୁ ଡାକି ନେଇ ଚିନ୍ତାଗୁରୁ ଗାଁ ମୁଣ୍ଡରେ ହତ୍ୟା କରିଥିଲେ ଏବଂ ଘଟଣା ସ୍ଥଳରେ ଏକ ଚିଠି ଛାଡିଥିଲେ । ମାଓବାଦୀମାନେ ଚିଠିରେ ସତୀଶ ବାବୁଙ୍କୁ ପୁଲିସ ଇନଫର୍ମର ଓ ଗଞ୍ଜେଇ ବ୍ୟବସାୟ କରିବା ଏବଂ ଆଦିବାସୀଙ୍କୁ ହଇରାଣ କରୁଥିବାରୁ ହତ୍ୟା କରିଥିବା ଦର୍ଶାଇଛନ୍ତି ।

# ପ୍ରିୟଙ୍କା ଚୋପ୍ରା ଖ୍ରୀଷ୍ଟମାସ ଦିନ ୫୨ ହଜାରର କୋଟ ପିନ୍ଧି ବାହାରିଲେ



ମୁମ୍ବାଇ : ବଲିଉଡର ଦେଶୀ ଗାର୍ଲ ଏବଂ ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା ଆଜିକାଲି ଲଣ୍ଡନରେ ତାଙ୍କର ନୂଆ ପ୍ରୋଜେକ୍ଟର ସୁଟିଂରେ ବ୍ୟସ୍ତ ଅଛନ୍ତି । ପ୍ରିୟଙ୍କା ଲଣ୍ଡନରେ ଅଛନ୍ତି ଏବଂ ଖ୍ରୀଷ୍ଟମାସ ଦିନ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହ ସମୟ ବିତାଉଛନ୍ତି । ପ୍ରିୟଙ୍କା ଚୋପ୍ରା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରୁ ତାଙ୍କ ସ୍ୱାମୀ ନିକଙ୍କ ସହ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ଉଭୟ ବହୁତ ସୁନ୍ଦର ଦେଖାଯାଉଛନ୍ତି । ଫଟୋରେ ପ୍ରିୟଙ୍କା ଚୋପ୍ରା ଏକ ଧଳା ଲମ୍ବା କୋଟ ପିନ୍ଧିଥିବା ବେଳେ ନିକ୍ ଜୋନାସ୍‌ଙ୍କୁ କଳା ଜ୍ୟାକେଟରେ ଦେଖିବାକୁ ମିଳିଛି । ପ୍ରିୟଙ୍କା ଧଳା ଜ୍ୟାକେଟ୍ ସହିତ ଧଳା ଓଟସ୍ ଚଷମା ପିନ୍ଧିଛନ୍ତି । ପ୍ରିୟଙ୍କାଙ୍କ କୁକୁର ଡାଏନା ମଧ୍ୟ ଉଭୟଙ୍କ ସହ ଅଛି ।

ପ୍ରିୟଙ୍କା ଚୋପ୍ରାଙ୍କ ଏହି ଧଳା କୋଟକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି । ପ୍ରିୟଙ୍କା ଚୋପ୍ରାଙ୍କ ଏହି ସୁନ୍ଦର ପୋଷାକର ମୂଲ୍ୟ ୫୨ ହଜାର ଟଙ୍କା । ଏହି କାଳିନା ମ୍ୟାକ୍ସି ହାଲୁକା ଓଜନିଆ ଡାଉନ୍ କୋଟ୍ ସହିତ ହୁଡି ସଂଲଗ୍ନ ହୋଇଛି । ଏ-ଲାଇନ୍ ଫିଟ୍ ସହିତ ଏହି ସୁନ୍ଦର କୋଟରେ ବେଲ୍ଟ ଏବଂ ତକିଆ କଲର ଅଛି । ପ୍ରିୟଙ୍କା ଏହି କୋଟ୍ ପିନ୍ଧି ବହୁତ ସୁନ୍ଦର ଦେଖାଯାଉଛନ୍ତି ।

# ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ



ବୌଦ୍ଧ, (ନିପ୍ର) : ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ରାଜନେତା, ବକ୍ତା ଏବଂ ପ୍ରସିଦ୍ଧ କବି ଥିଲେ । ସ୍ୱାଧୀନ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ମୋଟ ସେ ତିନିଥର କାର୍ଯ୍ୟଭାର ସମ୍ଭାଳି ଥିଲେ । ବାଜପେୟୀ ଅବିବାହିତ ଥିଲେ । ବାଜପେୟୀଙ୍କୁ ଜଣେ ଉଦାରବାଦୀ ନେତା ଭାବେ ବିବେଚିତ କରାଯାଇଥାଏ ।

ତାଙ୍କର ୯୬ତମ ଜନ୍ମ ଜୟନ୍ତୀ ଦିବସ ସାରା ଭାରତରେ ପାଳନ କରାଯାଉଥିବା ବେଳେ କଂଟାମାଳ ବ୍ଲକ ଖୁଣ୍ଟିଗୋରା ବସଷ୍ଟାଣ୍ଡ ଠାରେ ଯୁବକ ସଂଘ ପକ୍ଷରୁ ମଧ୍ୟ ଜୟନ୍ତୀ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ସମାଜସେବୀ ସୁଶାନ୍ତ ବାରିକ ବକ୍ତା ଭାବେ ଯୋଗଦେଇ ବାଜପେୟୀଙ୍କ ଜୀବନୀ ବିଷୟରେ କହି ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶର୍କର୍ଷଣ ସାହୁ, ରଞ୍ଜିତ ଖଡ଼ୁଆ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗିର ବିଷୟରେ ଏକ ରଚନାର କିୟଦଂଶ.... (ଦ୍ୱିତୀୟ ପୃଷ୍ଠାରୁ)

ଆଲୋଚନା ମାଧ୍ୟମରେ କୁହାହେବା ପାଇଁ । କଥା ମାଧ୍ୟମରେ ଭଲ ଭଲ ଘୋଷଣାଗୁଡ଼ିକ ହୁଏ । ସଂକଳ୍ପ ନିଆଯାଏ । ତଥାକଥିତ ଭାବେ କିଛି କିଛି କାର୍ଯ୍ୟକ୍ରମର ସୂଚନା ମଧ୍ୟ ଦିଆଯାଏ । ମାତ୍ର କୁହାଯାଉଥିବା ସବୁକଥାକୁ ପାଳିବା ବା କାର୍ଯ୍ୟକାରୀ କରିବାରେ କାହାରି ପାଇଁ ଭିତରୁ ବାହାରୁ କୌଣସି ଆଡୁ କିଛି ବାଧ୍ୟବାଧକତା ନଥାଏ । ସମସ୍ତଙ୍କ ପାଇଁ ସାହାଣ ମେଳା ଥାଏ । କୁହାଯାଉଥିବା କଥାଗୁଡ଼ିକର କାର୍ଯ୍ୟକାରିତା ପାଇଁ କାହାରିକୁ ବି ଉତ୍ତରଦାୟୀ କରାଯାଇ ପାରୁନଥାଏ । ଏଭଳି ବାକ୍ ଚାତୁରୀ ଓ ଚାହିଁବାର ବିଳାସିତାଗୁଡ଼ିକୁ ଦେଖି ଦେଖି ଲୋକେ କ୍ରମଶଃ ଥୋବରା ହୋଇ ପଡ଼ନ୍ତି । ମଗଜ ଖଟାଇ କୌଣସି ବି କଥା ପାଇଁ ମେହେନତ କରିବାକୁ ରାଜି ଭାବ ରଖି ପାରନ୍ତି ନାହିଁ । ପରିଣାମରେ ତମାମ୍ ଜନଜୀବନ ମଜ୍ଜାଗତ ଏକ ଅବସାଦ ଓ ଆଳସ୍ୟ ଭିତରକୁ ଅନିବାର୍ଯ୍ୟ ଭାବେ ଆଉଜି ହୋଇଯାଏ । ରୁଗ୍ଣ ମାନସିକତାର ଶୀକାର ହୋଇଯିବା ଫଳରେ ଜନଜୀବନ ରୁଗ୍ଣ ହୁଏ । ଚତୁର୍ଦ୍ଦିଗରେ ଘଟୁଥିବାର ଅସୁସ୍ଥତା ଓ କୁତ୍ସିତତାଗୁଡ଼ିକ ସେମାନଙ୍କ ଦେହସୁହା ହୋଇଯାଏ । ସାର୍ବିକ ଏକ ପରାଭବ ଭୋଗୀ ତମାମ୍ ଜନସମଷ୍ଟି ଜାନୁଭଙ୍ଗ ଅବସ୍ଥାରେ ପଡ଼ିରହେ । ଏତେ ଏତେ ସଭାରେ ଏତେ ଏତେ ଭଲ କଥାର ପାରାୟଣ ହେଉଥିବା ସତ୍ତ୍ୱେ ବଲାଙ୍ଗିରର ଲୋକେ କିନ୍ତୁ ସେମିତି ପଡ଼ି ରହିଛନ୍ତି । କିଛି ବି କରିବାର ଜୁ ନାହିଁ । ସମଗ୍ର ସହର ନର୍କ କୁଣ୍ଡ ହୋଇଯାଉ, କାହାରି କିଛି କରିବାର ନାହିଁ । ଜୁଆ, ସଟ୍ଟା, ରାହାଜାନୀ ପ୍ରବଳରୁ ପ୍ରବଳତର ହେଉ, କାହାରି କିଛି ଚିନ୍ତା କରିବାର ନାହିଁ । ବିଦ୍ୟାଳୟ, ମହାବିଦ୍ୟାଳୟରେ କପି କରୁ କରୁ ପିଲାଛୁଆ ସବୁ ମାଙ୍କଡ଼ ହୋଇ ଯାଆନ୍ତୁ, କାହାରି ପର୍‌ବାଏ ନାହିଁ । ଦୁର୍ନୀତି ଦୁରାଚାର ଭ୍ରଷ୍ଟାଚାର ଅନାଚାର ସବୁ ଷୋଡ଼ଶ ଉପଚାରରେ ଚାଲୁ, କାହାରି ମୁଣ୍ଡ ବିନ୍ଧିବାର ନାହିଁ । ପୂଜ୍ୟପୂଜାର ବ୍ୟତିକ୍ରମ ଘଟି ଅପସଂସ୍କୃତିର କଳାବାଦଲ ଘୋଟି ଆସୁ, କାହାରି ବି ପାଟି ଖୋଲିବାର ନାହିଁ । ଦାରୁ, ଦାରୀ, ଦାଦାଗିରିର ମାହୋଲ ଖୋଲିଯାଉ, କାହାରି ବାଧା ଦେବାର ନାହିଁ । ସବୁ କିଛିକୁ ପିଠେଇ ନେଇ ଏକ ଅଚଳାୟତନ ମହାମେରୁ ପରି ଜନଜୀବନ ମୂର୍ଚ୍ଛା ହୋଇ ପଡ଼ିଛି । ଅଥଚ ପ୍ରବଳରୁ ପ୍ରବଳ ହୋଇ ସବୁ କ୍ଷେତ୍ରରେ ସଭାମାନ ଚାଲିଛି ।

ଏବର ସଭାମାନଙ୍କରେ ଆଉ ଏକ କଥା ଅତି ଅବଶ୍ୟ ପାଳନ କରାଯାଉଛି । ମୂଳ କାର୍ଯ୍ୟକ୍ରମ ସହିତ ଯୋଡ଼ି ଏକ ସମ୍ବର୍ଦ୍ଧନା ପ୍ରଦାନ ବା ଉପାୟନ ପ୍ରଦାନ କାର୍ଯ୍ୟକ୍ରମ ରହୁଛି । ଇଏ ତାହାକୁ ତ' ସିଏ ଏହାକୁ ହୋଇ ଚଟୁରେ ଚଟୁରେ କୋଳାକୋଳି ନ୍ୟାୟରେ ଏବେ ପ୍ରାୟ ନେଇ ଆଣି ଥୋଇ ପାରୁଥିବା ବା ସେମିତି ଚଳି ଚଳାଇ ପାରୁଥିବାର ପ୍ରାୟଃ ପ୍ରତ୍ୟେକ ହୁସିଆର ପୁଅ ବଲାଙ୍ଗିରରେ ଉପାଧି, ଉପାୟନ ବା ସମ୍ବର୍ଦ୍ଧନାଗୁଡ଼ିକ ଭୁଂଜି ସାରିଛନ୍ତି । ଗଣମାଧ୍ୟମଗୁଡ଼ିକର ଦୟାରୁ ଗାଁ ଗହଳିରେ ଥିବା ମଳିମୁଣ୍ଡିଆ ବେଢ଼ା ଲୋକମାନଙ୍କ ପାଖରେ ବି ଖବର ପହଂଚି ସାରିଛି ଯେ ବଲାଙ୍ଗିରର ମାଟି ଏହି ପରିପ୍ରେକ୍ଷୀରେ ଆଉ ନିହାତି ଅନୁର୍ବର ହୋଇ ରହିନାହିଁ । ଛାତିରେ ହାତ ଦେଇ କହି ପାରିବାକୁ କିଛି ନହେଲେ ବି ବଲାଙ୍ଗିର ମାଟିର ଅଳିଅଳ ଦୁଲାଳମାନଙ୍କ ଭିତରୁ ଗଣ୍ଡେ ପୁଞ୍ଜେ କୃତି ସନ୍ତାନ ଫି' ବର୍ଷ ବାହାରୁଛନ୍ତି । ଯେଉଁମାନଙ୍କୁ ଶିଷ୍ଟ ମଣ୍ଡଳୀର ସମାବେଶରେ ଉପାଧି ଉପାୟନ ସମ୍ବର୍ଦ୍ଧନା ଆଦିର ଶିରପା ବାନ୍ଧିବାକୁ ମିଳୁଛି । ମାତ୍ର ଫୁସୁରୁ ଟୁପୁରୁ ହୋଇ ନିନ୍ଦୁକ ଲୋକେ ପଚରା ପଚରି ହେଉଥିବା କଥା ପଦକୁ କିନ୍ତୁ ଏଡ଼ାଇ ଦେଇ ହେବନି । ସେମାନେ ପଚାରୁଛନ୍ତି ଯେ, ଫି' ବର୍ଷ ଏତେ ଏତେ ଯୋଗ୍ୟ 'କମିହାଁ' ପୁଅଝିଅ ଜନ୍ମ କରି ମଧ୍ୟ ବଲାଙ୍ଗିର ମାଟି ଏମିତି ନିରିମାଖି ଅବସ୍ଥାରେ କେମିତି ପଡ଼ି ରହିଛି ? ସୌରଭ, ବିଭୂଷଣ, ଉତ୍ତମ, ସର୍ବୋତ୍ତମ ଆଦି ଇତ୍ୟାଦିର କବଚ କୁଣ୍ଡଳ ପିନ୍ଧା ଏତେ ଏତେ ଉଜ୍ଜ୍ୱଳ ପୁରୁଷ ସବୁ ତ' ଆତଯାତ ହେଉଛନ୍ତି, ତେବେ କେଉଁ ଦେବତାର ଅଭିଶାପରୁ ଚତୁର୍ଦ୍ଦିଗରେ ଅନ୍ଧାର ଘନେଇ ଆସୁଛି ଓ ଜୀବନ ପରିସ୍ଥିତି ଏମିତି ରୌରବମୟ ହୋଇ ପଡ଼ିଛି ?

ଏମିତି କେତେ କେତେ ପ୍ରଶ୍ନ ଉଙ୍କି ମାରୁଛି । ସେଗୁଡ଼ିକର ଠିକ୍ ଉତ୍ତର ଖୋଜିବାର ବେଳ ଆସିଯାଇଛି । ଉଦ୍ଦେଶ୍ୟର ପରିଚ୍ଛନ୍ନତା ରକ୍ଷା କରାଯାଇ ପାରିବ, ଯଦି ସେହି ଉତ୍ତରଗୁଡ଼ିକର ବିବେକୀ ନିର୍ଦ୍ଦେଶନାରେ ଆମେ ଚଳିବା ପାଇଁ ରାଜି ହୋଇ ଦରକାର ମୁତାବକ ବଦଳି ପାରିବା । ସେଇ ଆହ୍ୱାନ ପ୍ରତି ଉଦାସୀନ ରହି ଅଭ୍ୟାସଗତ ଭାବେ ଯଦି ତଥାପି ଠୁନ୍‌କୁମାନି ହୋଇ ଗଉଁ କାଢ଼ିବା ତେବେ ସଭାସମିତିରେ ପାଣ୍ଡିତ୍ୟ ଦେଖାଇ ଯେତେ ରୋବେଇ ଖୋବେଇ ହେଲେ ବି ଆମ ଦେଇ କିଛି ହେବନାହିଁ । କାରଣ ସବୁ ଧୁମ୍ ଧଡ଼ାକା ଓ କୋଳାହଳରୁ ଓହରି ଆସି ଶୁଣିବାକୁ ଚାହିଁଲେ ନିଶ୍ଚୟ ଶୁଣି ପାରିବା ଯେ ବଲାଙ୍ଗିର ମଧ୍ୟ ଏବ ଏବକୁ ଆମମାନଙ୍କୁ ଉଦ୍ଦେଶ୍ୟ କରି ଏକ ଆପ୍ତବାଣୀର ଖିଅ ଧରି ଆରମ୍ଭ କଲାଣି – ''ମୋର କଥାଗୁଡ଼ିକ କେବଳ ଯଦି ତୁମର ଚିନ୍ତା ଓ ଆଲୋଚନାର ବିଷୟ ମାତ୍ର ହୁଏ, ବାସ୍ତବରେ ଯଦି କୌଣସି କିଛିକୁ ମୂର୍ତ୍ତ କରି ତୋଳି ନପାର ଏବଂ କେବଳମାତ୍ର ଏକ ତାତ୍ତ୍ୱିକ ବିଳାସରେ ମାତି ରହ, ତେବେ ଆକାଂକ୍ଷିତ ମଙ୍ଗଳ ବୋଲି ପାଇ ପାରିବା ଯେ ତୁମ ପାଇଁ ତମସାଚ୍ଛନ୍ନ ହୋଇ ରହିଯିବ ଏକଥା କିନ୍ତୁ ଅତି ନିଶ୍ଚୟ ।''

ଭୁବନେଶ୍ୱର, ମୋ.ନଂ.: ୯୯୩୭୭୪୦୬୭୬

## ଉଦ୍ଦେଶ୍ୟ ସାଧନ ପାଇଁ ସାମର୍ଥ୍ୟ.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କାର୍ଯ୍ୟ ଆରମ୍ଭ ନ ହୋଇ ବନ୍ଦ ହୋଇଯାଇଥିବା ବେଳେ ରାଉରକେଲା ଓ କଳାହାଣ୍ଡିରେ ଏମସିଆଇ ର ମାର୍ଗଦର୍ଶିକା ପରିପୂରଣ କରିନଥିବା ଉଲ୍ଲେଖ ରହିଛି । ଅଭିଜ୍ଞତା ନଥିବା ସଂସ୍ଥା ମାନଙ୍କୁ ଏଭଳି ଦାୟୀତ୍ୱ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ଅଛି । ମୋଟ ଉପରେ ସମସ୍ତ କ୍ଷେତ୍ରରେ ପରିଷଦ ବି'ଳ ହୋଇଥିବା ସମୀକ୍ଷା ରିପୋର୍ଟରୁ ଜଣାଯାଇଛି ବୋଲି ପଣ୍ଡା କହିଛନ୍ତି । ଦୀର୍ଘ ଦିନ ଧରି ଅଧ୍ୟକ୍ଷ ପଦ ଖାଲି ରହିବା ପରେ ବର୍ତ୍ତମାନ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି । ପଶ୍ଚିମ ଓଡିଶା ବାସୀଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିବା ବିକାଶ ପରିଷଦ କିଛି ନେତାଙ୍କ ପାଇଁ ଦୁହାଳିଆ ଗାଇ ଭାବେ ବ୍ୟବହୃତ ହୋଇଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ପ୍ରଶାସକ ରୁ ଅଧ୍ୟକ୍ଷ ହୋଇଥିବା ତ୍ରିପାଠି ଏହି ପରିଷଦକୁ ପୁନର୍ଜିବନ ଦେବେ ବୋଲି ଶ୍ରୀ ପଣ୍ଡା ଆଶା ବ୍ୟକ୍ତ କରିଛନ୍ତି ।

## ବରଗଡ଼ ଜିଲ୍ଲା ଭାରତୀୟ ମଜଦୁର୍ ସଂଘର କାର୍ଯ୍ୟକାରିଣୀ ସମ୍ମିଳନୀ ଅନୁଷ୍ଠିତ

ବରଗଡ଼, (ନିପ୍ର) : ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହିନ୍ଦୀ ବିଭାଗର ପ୍ରାଙ୍ଗଣରେ ଭାରତୀୟ ମଜଦୁର ସଂଘ ବରଗଡ଼ ଜିଲ୍ଲାର କାର୍ଯ୍ୟକାରିଣୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ ଭାରତୀୟ ମଜ୍‌ଦୁର ସଂଘର ରାଜ୍ୟ ଉପସଭାପତି ସୁରେନ୍ଦ୍ର ରାୟ ଓ ସମ୍ମାନିତ ଅତିଥି ଭାବେ ସାଧାରଣ ସଂପାଦକ ଗିରିଶ ମହନ୍ତ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ଭାରତୀୟ ମଜଦୁର ସଂଘର ଶ୍ରମିକ ଗୀତ ଗାନ ହେଲା ଓ ଅତିଥି ପରିଚୟ ପରେ ଅତିଥିମାନେ ଅଭିଭାଷଣ ଦେଇଥିଲେ । ଉକ୍ତ ବୈଠକରେ ଆଗାମୀ ଦିନରେ ସଂଘ ପଂଚାୟତ ସ୍ତରରେ ସଂଗଠନକୁ ମଜବୁତ୍ କରିବା ପ୍ରଥମ ଲକ୍ଷ୍ୟ ରଖିଥିବା ବେଳେ ଜିଲ୍ଲାରେ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମଜ୍‌ଦୁର୍ ମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବା ପାଇଁ ସଂଘ ଲଢ଼େଇ କରିବା ଏବଂ ବରଗଡ଼ ଚିନିକଳକୁ କାର୍ଯ୍ୟକ୍ଷମ କରିବା ପାଇଁ ସଂଗ୍ରାମ କରିବା ସଂଘର ଆଭିମୁଖ୍ୟ ରହିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଉକ୍ତ କାର୍ଯ୍ୟକାରିଣୀ ପରିଷଦରେ ନୂଆ କର୍ମକର୍ତ୍ତା ଚୟନ ହୋଇଥିଲା । ଉପଦେଷ୍ଟା ଭାବେ ମନୋଜ ରଥ, ପ୍ରତାପ ପଟ୍ଟନାୟକ, ସଭାପତି ଭାବେ କମଳେଶ ରାୟ, ସଂପାଦକ ଭାବେ ଅଜିତ କୁମାର ଦାଶ, କୋଷାଧ୍ୟକ୍ଷ ଭାବେ ଆଶିଷ ଶର୍ମା, ଉପ ସଭାପତି ଭାବେ ସେବାରାମ ମେହେର, ବବଲି ପୂଜାରୀ, କନକ ରଣା, ସୀତାରାମ କର, ସହ ସଂପାଦକ ଭାବେ ରୀତା ପୂଜାରୀ, ଅରୁଣା ମହାପାତ୍ର, ମୁରାରୀ ସିଂ, ଶୁକଦେବ ପଧାନ, ଗୌରୀ ଖଟେଇ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜୟକିଶନ ଭେସରା, ତୀର୍ଥ ପଧାନ, ଜଗଦୀଶ ସାହୁ, ରଙ୍ଗା ପୂଜାରୀ, ନାରାୟଣ ସାହୁ, ଲୋଚ୍‌ନ ସାହୁ, ସାନ୍ତରା ବାଗ, ପ୍ରତିମା ମହାନନ୍ଦ ପ୍ରମୁଖ ମନୋନୀତ ହୋଇଥିଲେ ।

## ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ ଗଳ୍ପ ସଂକଳନ 'ପାରନାନୀ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ




ବଲାଙ୍ଗିର, (କେପିଏନ୍ଏସ୍) : ସ୍ଥାନୀୟ ଲିଟରରୀ ଏଣ୍ଡ ସୋସିଆଲ କ୍ଲବ ସଭାକକ୍ଷରେ କଥାଶିଳ୍ପୀ ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ ଗଳ୍ପ ସଂକଳନ 'ପାରନାନୀ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ ହୋଇଯାଇଛି । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ଭାଗିରଥି ମିଶ୍ର, ସମ୍ମାନିତ ଅତିଥି ଭାବରେ ଗାଳ୍ପିକା ଅମୁଲ୍ୟମଣି ମିଶ୍ର ଯୋଗଦେଇ ସଂପ୍ରତି ଗଳ୍ପ ରଚନାରେ ପରିବର୍ତ୍ତନ ଓ ଏହାର ପ୍ରଭାବ ଉପରେ ଆଲୋଚ୍‌ନା କରିଥିଲେ । ସଭା ପରିଚାଳନା କରିଥିଲେ ପୂଜ୍ୟ ପୂଜା ଅନୁଷ୍ଠାନର ସମ୍ପାଦକ ମଦନ ମୋହନ ରଥ । ଅତିଥି ମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିଲେ କସ୍ତୁରୀ ରଥ । ବେଦପାଠ କରିଥିଲେ ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ । ଅତିଥି ପରିଚୟ ଓ ଗଳ୍ପ ସଂକଳନର ସମୀକ୍ଷା କରିଥିଲେ ଯୁବକବି ରତ୍ନମୟ ତ୍ରିପାଠୀ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ଥିଲେ କବିତା ମିଶ୍ର ।


କାର୍ଯ୍ୟକ୍ରମକୁ ସଫଳ କରିବାରେ ଚୂଡ଼େନ୍ଦ୍ର କୁମାର ବେହେରା, ସୁନାଧର ବନଛୋର, ପ୍ରଦୀପ ପଶାୟତ, ଦୁର୍ଗାଚ୍‌ରଣ ସାହୁ, ଅନୁପ୍ରିୟା ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ହୃଷିକେଶ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଏହି ସଭାରେ ସହରର ଅନେକ ବୁଦ୍ଧିଜୀବୀ, ସାହିତ୍ୟ ପ୍ରେମୀ, ସାମ୍ବାଦିକ ଯୋଗ ଦେଇଥିଲେ ।

## ପ୍ରଭାକର ରଥ ଜନ୍ମ ଶତ ବାର୍ଷିକ ସମିତିର ବୈଠକ : ଏଥର ପ୍ରଭାକର ରଥ ସ୍ମୃତି ସମ୍ମାନ ପାଇବେ ପ୍ରଦୀପ ପଶାୟତ




ବଲାଙ୍ଗିର, (ନିପ୍ର) : ଟିକ୍ରାପଡା ଶ୍ରୀଜଗନ୍ନାଥ ମନ୍ଦିରରେ ହୃଷିକେଶ ପୁରୋହିତଙ୍କ ସଭାପତିତ୍ୱରେ ପ୍ରଭାକର ରଥ ସ୍ମୃତି ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଚଳିତ ବର୍ଷ ସେବା ସମର୍ପିତ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀ ପ୍ରଦୀପ ପଶାୟତଙ୍କୁ ମର୍ଯ୍ୟାଦାଜନକ ପ୍ରଭାକର ରଥ ସ୍ମୃତି ସେବା ସମ୍ମାନ ପ୍ରଦାନ ପାଇଁ ସ୍ଥିର ହୋଇଥିଲା । କରୋନା ପାଇଁ ସ୍ମୃତି ସମିତିର ସମସ୍ତ କାର୍ଯ୍ୟ ହୋଇ ପାରି ନଥିଲା । ଏଣୁ କାର୍ଯ୍ୟକ୍ରମର କାର୍ଯ୍ୟକାଳ ତାରିଖ ୧.୧.୨୦୨୧ ପରିବର୍ତ୍ତେ ୧.୧.୨୦୨୨କୁ ବୃଦ୍ଧି କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଜୟରାମ ମିଶ୍ର, ରତ୍ନମୟ ତ୍ରିପାଠୀ, କପିଳ ପତି, ବଳିଷ୍ଠ ପଧାନ, ମଧୁ ସାହୁ, ଧ୍ରୁବଚରଣ ସାହୁ, ଚୁଡେନ୍ଦ୍ର କୁମାର ବେହେରା, ପ୍ରଦୀପ ପଶାୟତ, ଅରୁଣ ଖୁଆସ, ଦୁର୍ଗା ଚରଣ ସାହୁ ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ ।

ଶେଷରେ ସୁନାଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

# କୁରୁଲ ରାମଜୀ ଉଚ୍ଚ ବିଦ୍ୟାଳୟ : ପ୍ରାକୃତିକ ଶୋଭାରେ ଉଦାହରଣ ସାଜିଛି



ପୁଇଁନ୍ତଲା, (ନିପ୍ର) : ପୁଇଁନ୍ତଲା ବ୍ଲକ କୁରୁଲ ରାମଜୀ ଉଚ୍ଚ ବିଦ୍ୟାଳୟ ସବୁବେଳେ ପ୍ରାକୃତିକ ଶୋଭାରେ ଉଦାହରଣ ହୋଇ ନିଜକୁ ପ୍ରତିଷ୍ଠିତ କରିପାରିଛି ଜିଲ୍ଲାରେ । ଔଷଧୀୟ ଗଛ ବୃକ୍ଷ ତଥା ମଲ୍ଲୀ, ମାଳତୀ, ଟଗର ଆଦି ଫୁଲର ସମ୍ଭାରରେ ସବୁବେଳେ ସୁଗନ୍ଧିତ ଉଚ୍ଚ ବିଦ୍ୟାଳୟର ପରିବେଶ । ଏକ ଋଷି ଆଶ୍ରମର ଅନୁଭବ ନିଶ୍ଚୟ ରହିଛି ବିଦ୍ୟାଳୟରେ ବୋଲି ଛାତିରେ ହାତଦେଇ କୁହାଯାଇପାରେ । ଯିଏ ଥରେ ଯାଇଛି ଏହି ବିଦ୍ୟାଳୟକୁ, ସେ ଆନନ୍ଦିତ ହୋଇଛି ଏବଂ ସବୁଦିନ ପାଇଁ ମନେ ରଖିଛି ।


ପିଲାମାନଙ୍କ ପାଠ ପଢ଼ା ପାଇଁ ଯେଭଳି ଏହି ବିଦ୍ୟାଳୟ ସମର୍ପିତ, ଗଛଲତାର ଯତ୍ନ ନେବାରେ ବି ସେଭଳି ନିଷ୍ଠାବାନ । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ନିହାତି ଅନୁମେୟ । ତା' ସାଂଗକୁ ପ୍ରାକୃତିକ ଶୋଭାବର୍ଦ୍ଧନରେ ବି ବିଦ୍ୟାଳୟ ଅନେକ ଗୌରବ ଅର୍ଜନ କରି ସାରିଛି । ସବୁଠାରୁ ଆକର୍ଷଣୀୟ ଏହି ବିଦ୍ୟାଳୟର ପତାକା ଉତ୍ତୋଳନ ସ୍ତମ୍ଭ । ଅପରୂପ ଶୋଭାରେ ସବୁବେଳେ ଉଜ୍ଜୀବିତ । ସତରେ ଏହି ବିଦ୍ୟାଳୟ ସମସ୍ତ ଦିଗରେ ସାରା ଜିଲ୍ଲା ପାଇଁ ଆଜି ଉଦାହରଣ ପାଲଟିଛି । ପ୍ରତ୍ୟେକ ଦିଗରେ ଏକ ସମୃଦ୍ଧ ବିଦ୍ୟାଳୟ କୁରୁର ରାମଜୀ ଉଚ୍ଚ ବିଦ୍ୟାଳୟ

# ବଲାଙ୍ଗିର ଟାଉନ୍ ପୋଲିସ ହାତରେ ଧରାପଡ଼ିଲେ ୨ ମୋଟର ସାଇକେଲ ଚୋର : ଉଦ୍ଧାର ହେଲା ଚୋରି ମୋଟର ସାଇକେଲ



ବଲାଙ୍ଗିର, (କେପିଏନ୍ଏସ୍) : ବଲାଙ୍ଗିର ଟାଉନ୍ ପୋଲିସ ହାତରେ ୨ ଜଣ ମୋଟର ସାଇକେଲ ଚୋର ଧରା ପଡ଼ିଥିବା ସୂଚ଼ନା ଦେଇଛନ୍ତି ବଲାଙ୍ଗିର ଟାଉନ୍ ଥାନା ଆଇଆଇସି ସଂଗାମ କେଶରୀ ପଟ୍ଟନାୟକ । ସୂଚ଼ନାରେ କୁହାଯାଇଛି ଯେ, ସ୍ଥାନୀୟ କନ୍ଧପାଲିପଡ଼ା ନିବାସୀ ପୃଥ୍ୱୀଶ୍ୱର ନାଗ ଗତ ୨୧ ତାରିଖ ଦିନ ତାଙ୍କ ହୀରାହୋଣ୍ଡା ପେସନ୍ ପ୍ରୋ (ଓଡ଼ି୦୩୯୭୦୬) ଗାଡ଼ି ଚୋରି ହୋଇଯାଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଶ୍ରୀ ନାଗ ଗତ ୨୦ ତାରିଖ ଦିନ ଅପରାହ୍ନ ୪ଟା ସମୟରେ ସରକାରୀ ବଡଡାକ୍ତରଖାନାକୁ ଯାଇଥିବା ବେଳେ ଡାକ୍ତରଖାନା ପରିସରରେ ଗାଡ଼ି ରଖି ଦେଇଥିଲେ । କିନ୍ତୁ ଡାକ୍ତରଖାନାରୁ ଆସି ଦେଖିବାବେଳେ ଗାଡ଼ି ଚୋରୀ ହୋଇଯାଇଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ବଲାଙ୍ଗିର ଟାଉନ୍ ପୋଲିସ ମାମଲା ରୁଜ୍ଜୁ କରି କେସ୍ ନଂ. ୫୭୦/୨୧.୧୨.୨୦୨୦, ଧାରା ୩୭୯ ଆଇପିସି. ଆଧାରରେ ତଦନ୍ତ ଆରମ୍ଭ କରିଥିଲେ । ସିସି ଟିଭି ଫୁଟେଜ୍ ଯାଂଚ୍ କରି ପୋଲିସ ସଂଧାନ କରିଥିଲା ଚୋରମାନଙ୍କୁ । ତେବେ ଏହି ମାମଲାରେ ପୋଲିସ୍‌କୁ ସଫଳତା ମିଳିଥିବା ବେଳେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରିବା ସହ ଚୋରି ଗାଡ଼ି ଉଦ୍ଧାର କରିଛି ପୋଲିସ ବୋଲି ସୂଚ଼ନା ଦିଆଯାଇଛି । ଗିରଫ୍ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ବଡ଼ପଡ଼ାର କରନ ବାଗ(୨୦) ଓ ଲକ୍ଷ୍ମୀନଗରପଡ଼ାର ସୋରେନ ସ୍ୱାଇଁ(୨୪) ।

# ଅବସରପ୍ରାପ୍ତ ଷ୍ଟାଟିଷ୍ଟିକାଲ୍ ଅଫିସର ବାଳକୃଷ୍ଣ ଯୋଶୀଙ୍କ ପରଲୋକ



ବଲାଙ୍ଗିର, (କେପିଏନ୍ଏସ୍) : ଅବସରପ୍ରାପ୍ତ ଷ୍ଟାଟିଷ୍ଟିକାଲ ଅଫିସର ବାଳକୃଷ୍ଣ ଯୋଶୀଙ୍କ ୭୮ ବର୍ଷ ବୟସରେ ତାଙ୍କ ମାଲପଡା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ବିଗତ କିଛି ଦିନରୁ ସ୍ନାୟବିକ ରୋଗରେ ଶଯ୍ୟାଶାୟୀ ଥିଲେ । ଶ୍ରୀ ଯୋଶୀ ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ସମସ୍ତଙ୍କର ପ୍ରିୟ ଥିଲେ । ଶ୍ରୀ ଯୋଶୀ ପୂର୍ବତନ ଜଣାଶୁଣା କାଉନସିଲର ସ୍ୱର୍ଗତ ଭବାନୀ ଶଙ୍କର ଯୋଶୀଙ୍କ ମଧ୍ୟମ ପୁତ୍ର ଥିଲେ । ପ୍ରାୟ ୨୦ ବର୍ଷ ତଳେ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ସଫଳ ଷ୍ଟାଟିଷ୍ଟିକାଲ ଅଫିସର ଭାବରେ ଅବସର ଗ୍ରହଣ କରି ବଲାଙ୍ଗିରର ଶୈଳେଶ୍ରୀ ପେଲେସ ଅଫିସ ପରିଚ଼ାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ସୂର୍ଯ୍ୟକାନ୍ତୀ ଦେବୀ, ପୁଅ ଦେବଜିତ୍, ସତ୍ୟଜିତ, ପ୍ରେମଜିତ୍, ଝିଅ ଶୁଭ୍ରାଞ୍ଜଳି ଓ ଦୀପାଞ୍ଜଳି, ପୁତ୍ରବଧୂ ଶ୍ୱେତା, ପୁତୁରା ବିଶ୍ୱଜିତ ଯୋଶୀ ଓ ପୁତୁରା ବୋହୂ ସ୍ନିଗ୍ଧା, ଜ୍ୱାଇଁ ଗତିକୃଷ୍ଣ ଯୋଶୀ, ସମସ୍ତ ଭଉଣୀ ଓ ଭିଣୋଇ ବୃନ୍ଦ ତଥା ନାତି ନାତୁଣୀ ଉପସ୍ଥିତ ଥିଲେ । ମାଲପଡାର ବିଶିଷ୍ଟ ନାଗରିକ ଓ ବନ୍ଧୁ ପରିଜନଙ୍କ ଗହଣରେ କରୋନା ନିୟମକୁ ପାଳନ କରି ତାଙ୍କ ଶେଷ କୃତ୍ୟ ବିଭୂତିପଡା ଶ୍ମଶାନରେ ସମାପନ ହୋଇଥିବା ବେଳେ ବଡ ପୁଅ ଦେବଜିତ୍ ମୁଖାଗ୍ନି ଦେଇଥିଲେ ।







Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu